

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 SEPTEMBER 2020
Vol.No. 30 ■ No. 232 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj
2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।
For better development of students are taught
by highly and well experienced faculties.
Contact No: 9437294587, 9438232419, 9437443950,

## ବିଧାୟକ ଶଶି ଭୂଷଣ ବେହେରା କରୋନା ପଜିଟିଭ୍

ଭୁବନେଶ୍ୱର,୧୨।୯ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡାର ବିଜେଡି ବିଧାୟକ ଶଶି ଭୂଷଣ ବେହେରା କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏନେଇ ଶ୍ରୀ ବେହେରା ଫେସବୁକ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ କୋଭିଡ୍ ୧୯ ପରୀକ୍ଷା କରିବା ପରେ ଆଜି ପଜିଟିଭ୍ ଥିବା ଜାଣିବାକୁ ପାଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ନିକଟ ଅତୀତରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜର କୋଭିଡ୍ ପରୀକ୍ଷା କରାଇନେବାକୁ ସେ ଅନୁରୋଧ କରିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୨।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୮୧୫ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୫୪୪୦ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୭୯୯, ବାଲେଶ୍ୱର ଜିଲ୍ଲାରେ ୫୦୪୦, ବରଗଡ ଜିଲ୍ଲାରେ ୪୧୭୭, ଭଦ୍ରକ ଜିଲ୍ଲାରେ ୩୭୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୨୭୨୭ . ବୌଦ୍ଧ ଜିଲ୍ଲାରେ ୧୦୩୨, କଟକ ଜିଲ୍ଲାରେ ୧୨,୬୩୩, ଦେବଗଡ ଜିଲ୍ଲାରେ ୩୫୮, ଢେଙ୍କାନାଳ ଜିଲ୍ଲାରେ ୨୪୬୫. ଗଜପତି ଜିଲ୍ଲାରେ ୩୧୩୬, ଗଂଜାମ ଜିଲ୍ଲାରେ ୧୯୧୨୫, ଜଗତସିଂହପୁର ଜିଲ୍ଲାରେ ୨୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୫୬୦୬ , ଝାରସୁଗୁଡା ଜିଲ୍ଲାରେ ୨୩୪୬, କଳାହାଣ୍ଡି ଜିଲ୍ଲାରେ ୧୯୧୭, କନ୍ଧମାଳ ୨୭୫୮, କେନ୍ଦ୍ରାପଡା ଜିଲ୍ଲାରେ ୨୯୩୫, କେନ୍ଦୁଝର ଜିଲ୍ଲାରେ ୨୭୮୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪୬୫୯ , ମାଲକାନଗିରି ଜିଲ୍ଲାରେ ୨୭୨୦, ମୟୁରଭଂଜ ଜିଲ୍ଲାରେ ୫୪୭୧. ନବରଙ୍ଗପୁର ଜିଲ୍ଲାରେ ୨୦୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୭୩୭, ନୂଆପଡା ଜିଲ୍ଲାରେ ୧୩୬୭ , ପୁରୀ ଜିଲ୍ଲାରେ ୬୦୭୫, ରାୟଗଡା ଜିଲ୍ଲାରେ ୫୯୮୮. ସମ୍ବଲପୁର ଜିଲ୍ଲାରେ ୩୮୪୬ . ସୁବର୍ଣ୍ଣପୁର ଜିଲ୍ଲାରେ ୧୬୫୨ ଓ ସୁନ୍ଦରଗଡ ଜିଲ୍ଲାରେ ୫୪୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବ୍ରହ୍ମପୁରରେ ରେଳ ଓଭର ବ୍ରିଜ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୨।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ଭିଡିଓ କନଫରେନ୍ସ ଜରିଆରେ ବ୍ରହ୍ମପୁର ଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ରେଳ ଓଭର ବ୍ରିଜ ଉଦଘାଟନ କରିଛନ୍ତି । ଏହାସହ ଦିଗପହଣ୍ଡି ଠାରେ ଏକ ଗିନିଂ ମିଲର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦକ୍ଷିଣ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାଣିଜ୍ୟିକ ହବ୍ ଭାବରେ ବ୍ରହ୍ମପୁର ସରକାରଙ୍କ ବିଶେଷ ଧ୍ୟାନ ପାଇବାକୁ ଯୋଗ୍ୟ । ଏହାକୁ ଏକ ଆଧୁନିକ ସହରରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ଆଜି ଉଦଘାଟିତ ରେଳ ଓଭର ବ୍ରିଜ୍ ଲୋକଙ୍କ ଆକାଂକ୍ଷା ପୂରଣ କରିବ । ସେହିପରି ଦିଗପହଣ୍ଡି ର କୋଅପରେଟିଭ୍ ଗିନିଂ ମିଲ୍ ନିକଟସ୍ଥ ୬ ଟି ବ୍ଲକର କପା ଚାଷୀଙ୍କୁ ସାହାଯ୍ୟ କରିବା ବ୍ୟତୀତ ୧୦୦ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ଚାକିରି ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୨୦୧୫ ରେ ଆରମ୍ଭ ହୋଇଥିବା ଲାଂଜିପାଲି ଠାରୁ ଇଞ୍ଜିନିୟରିଂସ୍କୁଲ ପର୍ଯ୍ୟନ୍ତ ରୋଡ୍ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇଛି । ଏହାଦ୍ୱାରା ୪୦ ହଜାରରୁ ଅଧିକ ଲୋକ ଉପକୃତ ହେବେ । ସେହିପରି ଆରଏମସି ଦିଗପହଣ୍ଡିର କପା ଏବଂ ଗିନିଂ ଏବଂ ପ୍ରେସିଂ ୟୁନିଟ୍ ୨.୧୦ କୋଟିର ପୁଞ୍ଜି ବିନିଯୋଗ ରେ ପିପିପି ମୋଡ୍ ରେ ସ୍ଥାପିତ ହେବ । ଏହି ୟୁନିଟରେ ଦୈନିକ ୫୦ କ୍ୱିଂଟାଲ ଲିନ କପା ଉତ୍ପାଦନ କରିବାର କ୍ଷମତା ରହିବ । ଏହି ୟୁନିଟ୍‌ରେ ୧୦୦ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରାଯିବ । ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, ସାନଖେମୁଣ୍ଡି, ଧରାକୋଟ, ଶେରଗଡ, ପାଟପୁର, ଜଗନ୍ନାଥପ୍ରସାଦ ଏବଂ ଭଞ୍ଜନଗର ବ୍ଲକ ଏହି ୟୁନିଟ୍ ଦ୍ୱାରା ଉପକୃତ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଞ୍ଜାମ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଛନ୍ତି କିନ୍ତୁ ବିପଦ ଏପର୍ଯ୍ୟନ୍ତ ଟଳିନାହିଁ । ତେଣୁ ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ ସତର୍କ ରୁହନ୍ତୁ ଏବଂ କୋଭିଡ ଗାଇଡଲାଇନକୁ ଅନୁସରଣ କରିବାକୁ ଶ୍ରୀ ପଟ୍ଟନାୟକ ଲୋକଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଓ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମହାମାରୀ ସମୟରେ ଅର୍ଥନୈତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ , ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର . କୃଷି ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ୫ ଟି ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

## ଆହୁରି ୩ ଦିନ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୨।୯ (ନି.ପ୍ର): ମୌସୁମୀ ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ପୁରୀ, ନୟାଗଡ଼, ବୌଦ୍ଧ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଦ୍ୱିତୀୟ ଦିନରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ରାୟଗଡା, କଳାହାଣ୍ଡି, ଗଜପତି ଓ ନୂଆପଡା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତୃତୀୟ ଦିନରେ ରାୟଗଡ଼ା, କଳାହାଣ୍ଡି, ଗଜପତି ଓ ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ପୂର୍ବାନୁମାନ ହୋଇଛି । ଏହି ସବୁ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ସୁସ୍ଥ ହେଲେ ୩,୨୧୭ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୨।୯ (ନି.ପ୍ର): ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ଶନିବାର ୩ ହଜାର ୨୧୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୪୭ ଜଣ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୧ ଲକ୍ଷ ୧୫ ହଜାର ୨୭୯କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ ମୟୂରଭଂଜ ଜିଲ୍ଲାରୁ ଆଜି ୨୮୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୨୭୫ ଜଣ, ବରଗଡ଼ ଜିଲ୍ଲାରୁ ୨୧୮ ଜଣ, ରାୟଗଡ଼ା ଜିଲ୍ଲାରୁ ୨୦୬ ଜଣ, ଗଂଜାମ ଜିଲ୍ଲାରୁ ୧୨୬ ଜଣ, କେନ୍ଦୁଝର ଜିଲ୍ଲାରୁ ୧୧୬ ଜଣ, ଯାଜପୁର, କୋରାପୁଟ ଜିଲ୍ଲାରୁ ୧୧୨ ଜଣ ଲେଖାଏଁ, ପୁରୀ ଜିଲ୍ଲାରୁ ୧୦୩ ଜଣ ଓ ଝାରସୁଗୁଡ଼ା ଜିଲ୍ଲାରୁ ୯୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ନବରଂଗପୁର, ନୂଆପଡା, ସୁନ୍ଦରଗଡ଼ ଜିଲ୍ଲାରୁ ୭୯ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରୁ ୭୫ ଜଣ, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରୁ ୬୯ ଜଣ ଲେଖାଏଁ, କେନ୍ଦ୍ରାପଡ଼ାରୁ ୫୯ ଜଣ, ଭଦ୍ରକ, ଜଗତସିଂହପୁର ଜିଲ୍ଲାରୁ ୫୪-୫୪ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୩ ଜଣ, ବାଲେଶ୍ୱର, ବଲାଙ୍ଗୀର, ନୟାଗଡ଼ ଜିଲ୍ଲାରୁ ୪୯ ଜଣ ଲେଖାଏଁ, କନ୍ଧମାଳ ଜିଲ୍ଲାରୁ ୩୬ ଜଣ, ମାଲକାନଗିରି ଜିଲ୍ଲାରୁ ୨୮ ଜଣ, ଗଜପତି ଜିଲ୍ଲାରୁ ୨୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୨ ଜଣ, ବୌଦ୍ଧ ଜିଲ୍ଲାରୁ ୭ ଜଣ ଓ ଦେବଗଡ଼ ଜିଲ୍ଲାରୁ ୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

## ରାଜ୍ୟରେ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଏବଂ ଆୟୁଷ୍ମାନ ଭାରତ ଲାଗୁ କରିବା ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,୧୨।୯ (ନି.ପ୍ର): ଓଡିଶାରେ ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଯଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ(ଏନଡିଏଚ୍ଏମ୍) ଏବଂ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମଜେଏୱାଇ) ଲାଗୁ କରିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଯୋଜନା ଗୁଡିକ ଓଡିଶାବାସୀଙ୍କ ଜୀବନରେ ଉନ୍ନତି ଆଣିବାରେ ଅପାର ସମ୍ଭାବନାର ସୁଯୋଗ ରଖିଛି ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଚଳିତବର୍ଷ ଅଗଷ୍ଟ ୧୫ ତାରିଖ ତଥା ୭୪ ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ଲାଲକିଲ୍ଲାରୁ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଶୁଭାରମ୍ଭ କରିଥିଲେ । ଏହି ମିଶନ ଟେକ୍ନୋଲୋଜି ମାଧ୍ୟମରେ ଆମ ରାଜ୍ୟର ପ୍ରବାସୀଙ୍କ ସମେତ ଦେଶର ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାରେ ସହାୟକ ହେବ ବୋଲି ସେ କହିଥିଲେ । ସ୍ୱେଚ୍ଛାକୃତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଦେଶରେ ଡିଜିଟାଲ ସ୍ୱାସ୍ଥ୍ୟ ଭିତିଭୂମି ତିଆରି କରିବ । ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୂରଦୃଷ୍ଟିରେ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି (ୟୁଏଚ୍ଆଇଡି) ମାଧ୍ୟମରେ ଇ-ଗଭର୍ଣ୍ଣାସରେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ନୂଆ ସ୍ତରକୁ ନେଇଯିବ । ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକମାନେ ସବୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଯଥା ମେଡିକାଲ ପରୀକ୍ଷା, ପୂର୍ବ ଔଷଧୀୟ ସୂଚି, ରୋଗ ନିରାକରଣ, ଚିକିତ୍ସା ଉପଚାର, ସବୁ ସ୍ୱାସ୍ଥ୍ୟସେବା ରେକର୍ଡର ସୁବିଧା ଇତ୍ୟାଦି ପାଇପାରିବେ । ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି ମାଧ୍ୟମରେ ଦେଶର ଲୋକମାନେ ଯେକୌଣସି ସ୍ଥାନରେ ଡାକ୍ତରଙ୍କୁ ଖୋଜି ପାଇପାରିବେ,

▶▶ପୃଷ୍ଠା ୭

## ଆଜି ନିଟ୍ ପରୀକ୍ଷା: ଓଡିଶାରେ ପରୀକ୍ଷା ଦେବେ ୩୭ ହଜାର

### ଆଇସୋଲେସନ୍ ରୁମ୍‌ରେ ପରୀକ୍ଷା ଦେବେ ଅସୁସ୍ଥ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୨।୯ (ନି.ପ୍ର): ଆସନ୍ତାକାଲି (ରବିବାର) ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍ ) ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟର ୭ଟି ସହରରେ ପ୍ରାୟ ୩୭ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଗାଇଡଲାଇନ୍ ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର । ସଂପୃକ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ୍ କମିଶନର ଏ ନେଇ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ କୋଭିଡ୍ ଭୟ ବିନା ପରୀକ୍ଷା ଦେବାକୁ କୁହାଯାଇଛି । ସେହିପରି ଭୁବନେଶ୍ୱରରେ ସର୍ବାଧିକ ୩୧ଟି ପରୀକ୍ଷା କେନ୍ଦ୍ରରେ ୧୫ ହଜାର ୬୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷାର ସୁପରିଚାଳନା ନେଇ ଶନିବାର ଭୁବନେଶ୍ୱର ସର୍କିଟ ହାଉସରେ ଏକ ବୈଠକ ବସିଥିଲା । ଖୋର୍ଦ୍ଧ ଜିଲ୍ଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିବାବେଳେ ଏଡିଏମ, ନିଟ୍ ରାଜ୍ୟ ସଂଯୋଜକଙ୍କ ସହ ବରିଷ୍ଠ ଅଧିକାରୀ ଏଥିରେ ଯୋଗ ଦେଇଥିଲେ । ପରୀକ୍ଷାର ସୁପରିଚାଳନା ନେଇ ନିଟର ରାଜ୍ୟ ସଂଯୋଜିକା ପଲ୍ଲୀ ପଟ୍ଟନାୟକ କହିଛନ୍ତି ଯେ, ଜେଇଇ ମେନ୍ ଭଳି ନିଟ ପାଇଁ ପରୀକ୍ଷା କେନ୍ଦ୍ରରେ ଆଇସୋଲେସନ ରୁମ ରହିବ । ଅସୁସ୍ଥ ଥିବା ପରୀକ୍ଷାର୍ଥୀ ସେଠାରେ ପରୀକ୍ଷା ଦେବେ । ସେମାନଙ୍କ ପାଇଁ ୨ ଜଣ ପରୀକ୍ଷା ନିୟନ୍ତ୍ରକ ପିପିଇ କିଟ ପିନ୍ଧି

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୧୬ ହେଲା



ଭୁବନେଶ୍ୱର,୧୨।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୧୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାର ୩ ଜଣ, ଖୋର୍ଧା ଜିଲ୍ଲାର ୨ ଜଣ ରହିଥିବା ବେଳେ ବଲାଙ୍ଗୀର, ଯାଜପୁର, କନ୍ଧମାଳ, କେନ୍ଦୁଝର, ନୟାଗଡ ଓ ରାୟଗଡା ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୩୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ. ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୮୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବଲାଙ୍ଗୀର ଜିଲ୍ଲାର ଜଣେ ୭୦ ବର୍ଷୀୟା ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୬ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପାଡିତ ଥିଲେ । କଟକ ଜିଲ୍ଲାର ଜଣେ ୮୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । ଯାଜପୁର ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି ।

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୩୭୭୭ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୪୬,୮୯୪କୁ ବୃଦ୍ଧି




ଭୁବନେଶ୍ୱର,୧୨।୯ (ନି.ପ୍ର):ରାଜ୍ୟରେ ଗୋଟିଏ ଦିନରେ ୩୭୭୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୬୮୯୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୧୨୦୬୨ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୪୧୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୭୭୭ ଜଣଙ୍କ ମଧ୍ୟରୁ ୨୧୯୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୮୬ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୮୧୫ କରୋନା ସଂକ୍ରମିତ

▶▶ପୃଷ୍ଠା ୭

# ଅବସରପ୍ରାପ୍ତ ଉଠାଜଳସେଚନ ନିଗମ କିରାଣୀଙ୍କ ବିୟୋଗରେ ଶୋକ



ବାଲେଶ୍ୱର,୧୨।୯ (ନି.ପ୍ର): ଓଡ଼ିଶା ଉଠାଜଳସେଚନ ନିଗମରେ ଦୀର୍ଘ ୩୩ବର୍ଷ କାର୍ଯ୍ୟକରି ମୁଖ୍ୟ କିରାଣୀ ପଦବୀରୁ ଅବସର ନେଇଥିବା ଟହଲି ପ୍ରସାଦ ବେହେରାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଦିନ ପୂର୍ବାହ୍ଣରେ ବାଲିଆସ୍ଥିତ ନିଗମର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିଗମର ଅବସରପ୍ରାପ୍ତ କର୍ମଚାରୀ ତଥା ରାଜ୍ୟ ଫେଡେରେସନ୍‌ର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ନିର୍ବାହୀ ଯନ୍ତ୍ରୀ ଇଂ. ସୁବୋଧ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ଇଂ. ଗୌରାଙ୍ଗ ଚରଣ ଦାସ, ଇଂ. ପ୍ରେମାନନ୍ଦ ପଣ୍ଡା, ପୂର୍ବତନ ନିର୍ବାହୀ ଯନ୍ତ୍ରୀ ଇଂ. ସୁଶିଲ ବାରିକ, ପୂର୍ବତନ କର୍ମଚାରୀ ମହେଶ୍ୱର ସାମଲ, ଏସ୍.କେ. ଫୁଲଟନ୍, ପଙ୍କଜ କୁମାର ଜେନା, ମୁରଲୀଧର ମାଝୀ, ଶ୍ରମିକନେତା ନିରଞ୍ଜନ ସାହୁ ଓ ଶ୍ୟାମସୁନ୍ଦର ଜେନା, ଆନନ୍ଦ ଚନ୍ଦ୍ର ବେହେରା ଓ ସିଦ୍ଧେଶ୍ୱର ନାୟକ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରି ତାଙ୍କର କାର୍ଯ୍ୟଦକ୍ଷତା ଓ ନିଗମ କାର୍ଯ୍ୟପ୍ରତି କର୍ତ୍ତବ୍ୟନିଷ୍ଠାକୁ ଉଚ୍ଚପ୍ରଶଂସା କରିଥିଲେ । ଉପସ୍ଥିତମାନେ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ । ଶରତ ଦଳାଇ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କାର୍ତ୍ତିକ ଚନ୍ଦ୍ର ନାୟକ, ଜଗନ୍ନାଥ ଦାସ, ରଘୁନାଥ ମହାରଣା ଓ ଅଭିମନ୍ୟୁ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ରକ୍ଷାମନ୍ତ୍ରୀଙ୍କ ଦ୍ୱାରା ଏରୋ ଇଣ୍ଡିଆ ୨୧ ୱେବସାଇଟ ଉଦ୍ଘାଟିତ

ନୂଆଦିଲ୍ଲୀ,୧୨।୯ (ନି.ପ୍ର): ଏରୋ ଇଣ୍ଡିଆ ୨୧ର ତ୍ରୟୋଦଶ ସଂସ୍କରଣ ଆସନ୍ତା ଫେବୃଆରୀ ୨୦୨୧ ମସିହା ୩ରୁ ୭ ମଧ୍ୟରେ କର୍ଣ୍ଣାଟକର ବେଙ୍ଗାଲୁରୁ ନିକଟସ୍ଥ ଏଲାହାଙ୍କାଠାରେ ଅନୁଷ୍ଠିତ ହେବ । ରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଆଜି ନୂଆଦିଲ୍ଲୀଠାରେ ଏରୋ ଇଣ୍ଡିଆ ୨୧ ୱେବସାଇଟ ଉନ୍ମୋଚନ କରିଛନ୍ତି । ଏଥିସହିତ ସ୍ପେସ ବୁକିଙ୍ଗ ମଧ୍ୟ ଆରମ୍ଭ ହୋଇଛି । ଏସିଆର ସର୍ବବୃହତ ଏରୋ ଶୋ ପାଇଁ ଏହି ୱେବସାଇଟ ଅନଲାଇନରେ ଉପଲବ୍ଧ । ଉଭୟ ପ୍ରଦର୍ଶନକାରୀ ଓ ପରିଦର୍ଶକଙ୍କ ପାଇଁ ଏହି ୱେବସାଇଟ ବିଭିନ୍ନ ମାର୍ଗଦର୍ଶନ ଦେବ । ଏଥିରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏୟାରକ୍ରାଫ୍ଟ ଓ ହେଲିକେପ୍ଟର ସମ୍ପର୍କରେ ବିଷୟବସ୍ତୁ ସ୍ଥାନିତ ହେବ । ରକ୍ଷାମନ୍ତ୍ରୀ ଏହି ଏରୋ ଶୋ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି । ପ୍ରଦର୍ଶନକାରୀ ଭାବେ ଏଥିରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥା ନିଜର ନାମ ପଞ୍ଜୀକୃତ କରି ଅନଲାଇନ ସ୍ପେସ ବୁକିଙ୍ଗ କରିପାରିବେ । ଏରୋ ଇଣ୍ଡିଆ ୱେବସାଇଟ ଜରିଆରେ ସମସ୍ତ ଦେୟ ଅନଲାଇନରେ ପଇଠ କରିବାକୁ ଥିବାବେଳେ ଯିଏ ଆଗ ଆସିବ ତାକୁ ଅଗ୍ରାଧିକାର ଦିଆଯିବ । ଅକ୍ଟୋବର ୩୧ ପୂର୍ବରୁ ଅନଲାଇନ ଜରିଆରେ ସ୍ପେସ ବୁକିଙ୍ଗ କରୁଥିବା ପ୍ରଦର୍ଶନକାରୀଙ୍କୁ ରିହାତି ସୁଯୋଗ ମିଳିବ । ବ୍ୟବସାୟ ଓ ଅନ୍ୟାନ୍ୟ ପରିଦର୍ଶକମାନେ ୱେବସାଇଟ ଜରିଆରେ ସେମାନଙ୍କ ଅନଲାଇନ ଟିକେଟ କିଣିପାରିବେ । ୩ରୁ ୭ ଫେବୃଆରୀ ୨୦୨୧ ମଧ୍ୟରେ ହେବାକୁ ଥିବା ଏହି ଶୋ ପାଇଁ ଟିକେଟ ବୁକିଙ୍ଗ କରାଯିବ । ଯେକୌଣସି ଗଣମାଧ୍ୟମ ସେମାନଙ୍କ ପ୍ରକାଶନ ପାଇଁ ବା ପ୍ରଦର୍ଶନର ପ୍ରସାରଣ ପାଇଁ ୱେବସାଇଟ ଜରିଆରେ ପଞ୍ଜୀକୃତ କରିପାରିବେ । ବିଭିନ୍ନ ପ୍ରଶ୍ନର ସମାଧାନ ଓ ଫିଡବ୍ୟାକ ପାଇଁ ଏହି ୱେବସାଇଟ ଜରିଆରେ ପରିଦର୍ଶକମାନେ ସେମାନଙ୍କ ପ୍ରଶ୍ନ ପଚାରିବା ସହ ମନ୍ତବ୍ୟ ପ୍ରଦାନ କରିପାରିବେ । ଯେପରି ନିରାପଦର ସହ ଏହା ସମ୍ପନ୍ନ ହେବ ସେଥିପାଇଁ ସ୍ୱାସ୍ଥ୍ୟ ନିୟମାବଳୀ ମଧ୍ୟ ଜାରି କରାଯିବ । ବୈଶ୍ୱିକ ମହାମାରୀ ସମ୍ପର୍କିତ ମାର୍ଗଦର୍ଶିକାକୁ ଆଖିଆଗରେ ରଖି ୱେବସାଇଟ ଜରିଆରେ ପାରସ୍ପରିକ ମତ ବିନିମୟର ବ୍ୟବସ୍ଥା ରହିଛି । ଏହାଫଳରେ ଅଂଶଗ୍ରହଣକାରୀଙ୍କ ମନୋବଳ ମଧ୍ୟ ବୃଦ୍ଧି ପାଇବ । ଏଠାରେ ସ୍ମରଣ କରାଯାଇପାରେ ଯେ, ରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂଙ୍କ ରୁଷ ଗସ୍ତ କାଳରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଶ୍ରୀ ସିଂ ଏରୋ ଇଣ୍ଡିଆ ୨୧ ଶୋ ସମ୍ପର୍କରେ ସୂଚନା ଦେବା ସହ ପ୍ରତିରକ୍ଷା ମନ୍ତ୍ରୀ, ରୁଷିଆ ଶିକ୍ଷ ପ୍ରତିନିଧି କେନ୍ଦ୍ର-ଏସିଆ ଦେଶଗୁଡିକର ରକ୍ଷାମନ୍ତ୍ରୀମାନଙ୍କୁ ଏଥିପାଇଁ ଆମନ୍ତ୍ରଣ କରିଥିଲେ । ପ୍ରତିରକ୍ଷା ଉତ୍ପାଦନ ସଚିବ ଶ୍ରୀ ରାଜ କୁମାର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ବହୁ ବରିଷ୍ଠ ଅଧିକାରୀ ୱେବସାଇଟ ଉନ୍ମୋଚନ କାଳରେ ଉପସ୍ଥିତ ଥିଲେ ।

# ସମାଜସେବୀ ଧରଣୀଧର ପାଢୀଙ୍କ ପରଲୋକ



ସୋର,୧୨।୯ (ନି.ପ୍ର): ସମାଜସେବୀ ଧରଣୀଧର ପାଢୀଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସୋର ବ୍ଲକରେ ଶୋକର ଛାୟା ଖେଳିଯାଇଛି । ୧୯୬୯ ମସିହାରେ ସ୍ୱର୍ଗତ ପାଢୀ ସୋର ମୁନିସିପାଲିଟି ନିକଟସ୍ଥ କମାଣପୁର ଠାରେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା । ସେ ଜଣେ ପରୋପକାରୀ, ତ୍ୟାଗୀ, ଶାନ୍ତ ସରଳ ଓ ମିଷ୍ଟ ଭାଷୀ ବ୍ୟକ୍ତି ଭାବେ ସୋର ଅଞ୍ଚଳରେ ପରିଚିତ ଥିଲେ । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ମାଳତୀ ଲତା ପାଢୀ, ପୁତ୍ର ସତ୍ୟଜିତ୍, ଝିଅ ଗୀତିଶ୍ମିତା, ତାଙ୍କର ସାନଭାଇ, ମାଆ ଉର୍ମିଳା ପାଢୀ, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ଓ ପରିବାର ବର୍ଗ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ପାଢୀ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ଓ ସମାଜସେବା ମୂଳକ ଅନୁଷ୍ଠାନରେ ଜଡିତ ଥିଲେ । ଅନେକ ଦୁଖୀ ଗରିବଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ସମସ୍ତଙ୍କ ମୁହଁରେ ହସ ଫୁଟାଇ ପାରିଥିଲେ ।

# ଦୋକାନ ଘରେ ବେକରେ ଦୌଡି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଭଦ୍ରକ, ୧୨/୯ (ହି.ସ.) - ଆଗରପଡାସ୍ଥ ପୁରୁଷଣ୍ଡ ଓ ବିଟିପୁର ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ଭଗାରାମ ଗ୍ରାମର ଜନୈକ ଯୁବକ ଦୋକାନ ଘରେ ବେକରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି । ସୂଚନା ଅନୁଯାୟୀ କାଦବରାଙ୍ଗ ପଂଚାୟତ ଅନ୍ତର୍ଗତ ଭଗାରାମ ଗ୍ରାମର ବନମାଳୀ ବାରିକଙ୍କ ଏକମାତ୍ର ପୁଅ ରାଜୁ ବାରିକ (୩୦) ଆଗରପଡାସ୍ଥ ପୁରୁଷଣ୍ଡ ଓ ବିଟିପୁର ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସେଲୁନ ଦୋକାନ କରିଥିଲେ । ପ୍ରତିଦିନ ପରି ଆଜି ମଧ୍ୟ ଘରୁ ଦୋକାନକୁ ସେ ଆସିଥିଲେ । କିଛି ଲୋକ ଦୋକାନକୁ ଚୁଟି, ଦାଢୀ କାଟିବାକୁ ଆସି ଭିତରପଟୁ ଦୋକାନ ବନ୍ଦ ଥିବାର ଜାଣିବାକୁ ପାଇଥିଲେ । ପରେ ଆଖପାଖ ଲୋକ ମିଶି ଦୋକାନ କବାଟ ଖୋଲିବାରୁ ରାଜୁ ଭିତରପଟୁ ବେକରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିବା ଦେଖିଥିଲେ । ଏହା ଜାଣିବା ପରେ ସେମାନେ ଆଗରପଡା ଥାନାକୁ ଖବର ଦେଇଥିଲେ । ଖବର ପାଇ ଥାନା କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଶବକୁ ଉଦ୍ଧାର କରି ଥାନା କେଶ୍ ନଂ ୧୩/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି । ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ମହାମାରୀ କରୋନାରେ କଳାକାରଙ୍କ ଅବସ୍ଥା ଦୟନୀୟ ଅଭିଯୋଗ

ନୂଆପଡା,୧୨।୯ (ନି.ପ୍ର): ମହାମାରୀ କରୋନା ପାଇଁ ଜୀବନ ଜୀବିକା ସମସ୍ତଙ୍କ କ୍ଷେତ୍ରରେ ପ୍ରଭାବିତ ହୋଇଥିବା ବେଳେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି କଳାକାର ଗୋଷ୍ଠୀ । କଳା ପ୍ରଦର୍ଶନ କରି ଅନ୍ୟକୁ ମନୋରଞ୍ଜନର ଖୋରାକ୍ ଯୋଗାଇବା ସହ ଏଥିରୁ ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରୁଥିବା କଳାକାର ମାନେ ଆଜି ଅସହାୟ ହୋଇ ପଡିଛନ୍ତି । ଅନ୍ୟମାନଙ୍କ ଜୀବନଯାତ୍ରା ସ୍ୱାଭାବିକ୍ ହୋଇ ଉଠୁଥିବା ବେଳେ ଏମାନଙ୍କ ପାଦରେ ବେଡି ବାନ୍ଧି ଦିଆଯାଇଛି । କଳା ପରିବେଷଣ ସମୟରେ ଲୋକଙ୍କ ଭିଡ ଜମୁଥିବାରୁ ଓ ଭିତରେ କରୋନା ସଂକ୍ରମଣ ଭୟ ରହୁଥିବାରୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ସମସ୍ତଙ୍କୁ ସରକାରୀ ସହାୟତା ମିଳୁଥିବା ବେଳେ କଳାକାର ମାନେ କୌଣସି ସହଯୋଗ ପାଉନାହାନ୍ତି । ରାଜ୍ୟର ବିଶିଷ୍ଟ ଯାତ୍ରା କଳାକାରଙ୍କ ସମେତ ପାଲା, ଦାସକାଠିଆ, ବଜାଶାଳ, ଘୁମୁରା, ସଂଚାର ଆଦିର ସଂଘ ସବୁ ସରକାରୀ ସହାୟତା ପାଇଁ ଆବେଦନ କଲେ ମଧ୍ୟ ସରକାର ଶୁଣୁନାହାନ୍ତି । ଗ୍ରାମାଂଚଳର ଲୋକକଳା ସବୁକୁ ସହାୟତା ପାଇଁ ସରକାର ଜିଲାସ୍ତରରେ ଜିଲା କଳା ଓ ସଂସ୍କୃତି ସଂଘ ଓ ବ୍ଲକସ୍ତରରେ ବ୍ଲକ କଳା ଓ ସଂସ୍କୃତି ସଂଘ ଗଠନ କରାଯାଇଛି । ବିଭିନ୍ନ ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଏହା ଏକ ମାଧ୍ୟମ ପାଲଟି ଯାଇଛି । ଏହି ଦୁଇ ଅନୁଷ୍ଠାନକୁ ସରକାର ବର୍ଷକୁ ଲକ୍ଷାଧିକ ଟଙ୍କାର ବ୍ୟବସ୍ଥା କରୁଛନ୍ତି । ବର୍ତ୍ତମାନ କରୋନା ପ୍ରତି ଲୋକଙ୍କ ବେଖାତିର ମନୋଭାବ ଲକ୍ଷ୍ୟ କରାଯାଉଛି । ଲୋକେ ସାମାଜିକ ଦୂରତ୍ୱ ରଖୁନଥିବା ବେଳେ ମାକ୍ସ ବ୍ୟବହାର କରୁନାହାନ୍ତି । ଏଣୁ ଲୋକଙ୍କୁ ସଚେତନ କରିବା ସକାଶେ ଏହି ଦୁଇ ସଂଘରେ ଥିବା ପାଣ୍ଠିକୁ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନୂଆପଡା ଜିଲ୍ଲାର କଳାକାରଗଣ ଅନୁରୋଧ କରିଛନ୍ତି । ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପସଭାପତି ତ୍ରୀମନ ମାଝୀ, ଖଡିଆଳ ବ୍ଲକ କଳା ଓ ସଂସ୍କୃତି ସଂଘର ଉପସଭାପତି ଅମୂଲ୍ୟ ମୁଣ୍ଡଙ୍କ ସମେତ ବିଶିଷ୍ଟ ପାଲାଗାୟକ ଅର୍ଜୁନ ଛତ୍ରିଆ, କୁନାଲ ଚରଣ ବେହେରା, ଜଗତରାମ ନାଗ, ନବୀନ ନାୟକ ପ୍ରମୁଖ ଦାବୀ ଜଣାଇଛନ୍ତି ।

# ରାଉରକେଲା ମହାନଗର ଅଂଚଳରେ ଜାଲ୍ ରାସନ କାର୍ଡକୁ ନେଇ ଯାଂଚ୍ ଆରମ୍ଭ

## ଜିଲ୍ଲାର ଜାଲିଆତିକୁ ଯାଂଚ୍ କରିବ କିଏ ?

ରାଉରକେଲା,୧୨।୯ (ନି.ପ୍ର): ରାଉରକେଲା ମହାନଗର ନିଗମ ଅଂଚଳରେ ଜାଲ୍ ରାସନ କାର୍ଡଧାରୀଙ୍କୁ ଧରିବା ଲାଗି ସୁନ୍ଦରଗଡ ଜିଲ୍ଲାପାଳ ଏକ ୫ ଜଣିଆ ଟିମ୍ ଗଠନ କରି ଯାଂଚ୍ କରାଉଥିବା ବେଳେ ସମଗ୍ର ଜିଲ୍ଲାର ୩ଟି ମ୍ୟୁନିସପାଲିଟି ଓ ୧୭ଟି ବ୍ଲକରେ ଥିବା ଜାଲ୍ ରାସନ କାର୍ଡଧାରୀଙ୍କ ବିଷୟରେ ଯାଂଚ୍ କରିବ କିଏ ବୋଲି ରାଜ୍ୟ ଜାତୀୟ କଂଗ୍ରେସର ପୂର୍ବତନ ସମ୍ପାଦକ ରଶ୍ମି ରଞ୍ଜନ ପାଢୀ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ରାଉରକେଲା ମହାନଗର ଅଂଚଳରେ ୧୯୩୨ ଜଣ ରାସନ କାର୍ଡଧାରୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ କରୋନା ସମୟରେ କେନ୍ଦ୍ର ଦେଇଥିବା କାର୍ଡ ପିଛା ୧୦୦୦ ଟଙ୍କା ଲେଖାଏଁ ନନେବାରୁ ଏ ବାବଦରେ ୧୯୩,୨୦୦ ଟଙ୍କା ଫେରିଗଲା । ଏହା ପରେ ଖୋଦ ଜିଲ୍ଲାପାଳ ଏହି କାର୍ଡ ଧାରୀଙ୍କ ସଂପର୍କରେ ଯାଂଚ ଆରମ୍ଭ କରାଇଛନ୍ତି । ହେଲେ ସମଗ୍ର ଜିଲ୍ଲାରେ ୧୭ଟି ବ୍ଲକ, ୩ଟି ମ୍ୟୁନିସପାଲିଟି ଅଂଚଳରେ ରହିଥିବା ପାଖା ପାଖି ୮ରୁ ୧୦ ହଜାର ଜାଲ୍ ରାସନ କାର୍ଡଧାରୀଙ୍କ ବିଷୟରେ ଯାଂଚ୍ କରିବା କିଏ ବୋଲି ଶ୍ରୀ ପାଢୀ ପ୍ରଶ୍ନ ଉଠାଇଛନ୍ତି । ସେ କହିବା କଥା, ରାଉରକେଲା ସହରର ୬୭ ହଜାର ୯୭୧ କାର୍ଡ ଧାରୀଙ୍କ ଲାଗି କେନ୍ଦ୍ର ଦେଇଥିବା ୬୭ କୋଟି ୭୯ ଲକ୍ଷ ୬୧ ହଜାର ଟଙ୍କାରୁ ୧୯୩୨ ଜଣ ସେମାନଙ୍କ ପ୍ରାପ୍ୟ ନନେବାରୁ ଏହି କାର୍ଡ ଧାରୀଙ୍କ ନେଇ ଯାଂଚ ଆରମ୍ଭ ହେଲା, ତାହା ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ସେ ମାଗିଥିବା ଆରଟିଆଇ ତଥ୍ୟ ଅନୁଶାରେ, ହେମଗିରୀ ବ୍ଲକର ୨୧୫୦୦ କାର୍ଡ ଧାରୀଙ୍କ ଲାଗି ଆସିଥିବା ମୋଟ୍ ୨ କୋଟି ୧୫ ଲକ୍ଷ ୩ ହଜାର ଟଙ୍କାରୁ ୩୧୧ ଜଣ ଟଙ୍କା ନେଇ ନଥିବା ବେଳେ କୁଆଁରମୁଣ୍ଡା ବ୍ଲକର ୨୪ ହଜାର ୮୧୦ କାର୍ଡଧାରୀଙ୍କ ଲାଗି ଆସିଥିବା ୨ କୋଟି ୪୮ ଲକ୍ଷ୧୦ ହଜାର ଟଙ୍କାରୁ ୧୩୬ ଜଣ କାର୍ଡ ଧାରୀ ସେମାନଙ୍କ ପ୍ରାପ୍ୟ ନେଇ ନାହାନ୍ତି । ଅବଶିଷ୍ଟ ୧୫ଟି ବ୍ଲକ୍, ରାଜଗାଙ୍ଗପୁର, ବୀରମିତ୍ରପୁର ଓ ସୁନ୍ଦରଗଡ ମ୍ୟୁନିସପାଲିଟିକୁ ସେ ମାଗିଥିବା ତଥ୍ୟ ଏଯାଏ ମିଳିନାହିଁ । ଯଦି ଏହି ଦୁଇ ବ୍ଲକର ତଥ୍ୟକୁ ଆଧାର କରି ଆନୁମାନିକ ହିସାବ କରାଯାଏ ତେବେ ଜିଲ୍ଲାର ମୋଟ ୧୭ ବ୍ଲକ ଓ ୩ଟି ମ୍ୟୁନିସପାଲିଟିରେ ପାଖାପାଖି ୮ରୁ ୧୦ ହଜାର ଜାଲ୍ ରାସନ କାର୍ଡ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଏ ବାବଦରେ ଆସିଥିବା କୋଟି କୋଟି ଟଙ୍କା ହରିଲୁଟ୍ ହୋଇଛି ବୋଲି ସେ ଅଭିଯୋଗ କରିବା ସହ ଏହାର ତଦନ୍ତ କରିବ କିଏ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଖାଲି ସେତିକି ନୁହେଁ ଏହି ଜାଲ୍ ରାସନ କାର୍ଡ ଗୁଡିକ ନାମରେ ପ୍ରତିମାସ ସରକାରୀ ଚାଉଳ, ଗହମ ଓ କିରାସିନ ମଧ୍ୟ ଉଠା ଚାଲିଥିଲା । ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ସମସ୍ତ କାର୍ଡ ଧାରୀଙ୍କୁ ଖାଦ୍ୟ ଯୋଗାଇ ଦେବାଲାଗି ସରକାର ଶପଥ ନେଇଥିବା ବେଳେ କେତେକ ଅସାଧୁ ମେଂଟ ଲାଗି ଏଭଳି ଖାଦ୍ୟ ଶସ୍ୟ ଲୁଟ୍ ହୋଇ ଶେଷରେ ସରକାରୀ ନଗଦ ଅର୍ଥ ଲୁଟ୍ ପୂର୍ବରୁ ଏହାର ଗୁମର ଖୋଲିଲା । ଏଭଳି ଲୁଟ୍ କାରବାର ବିଗତ ୨୦୧୬ ମସିହାରୁ ହୋଇଚାଲିଛି । ଗହମ, ଚାଉଳ, କିରାସିନ ଏହି ସବୁ ନକଲି କାର୍ଡ ନାମରେ ଜିଲ୍ଲାସାରା ଲୁଟ ଚାଲିଥିଲା, କିନ୍ତୁ ଆଜି ଯାଏ କୌଣସି ଅଧିକାରୀ ଏହାକୁ ଧରିନପାରିବା ନେଇ ପ୍ରଶାସନିକ ବ୍ୟବସ୍ଥା ଉପରେ ଏବେ ଉଠିଛି ପ୍ରଶ୍ନ । ଜିଲ୍ଲାରେ ଜଣେ ସିଏସଓ ତାଙ୍କ ଅଧିନରେ ଉପଖଣ୍ଡ ପୌରାଂଚଳ, ବ୍ଲକ୍ ଲାଗି ଯୋଗାଣ ଅଧିକାରୀ ତଥା ସେହି ସବୁ ଅଂଚଳରେ ଆଇଏଏସ, ଓଏଏସ ଅଧିକାରୀ ମାନେ ପ୍ରଶାସନିକ ସାଙ୍ଗକୁ ଏସବୁ ଦାୟିତ୍ୱରେ ରହୁଛନ୍ତି । ସର୍ବୋପରି ଜିଲ୍ଲାରେ ଦକ୍ଷ ଆଇଏଏସ ବାବୁ ବାବୁଆଣି ମାନେ ସବୁ ପ୍ରକାର ସରକାରୀ ସୁବିଧା ସୁଯୋଗ ସହ ମୋଟା ଅଙ୍କର ଦରମା ନେଇ ଜିଲ୍ଲା ଦାୟିତ୍ୱରେ ରହିଛନ୍ତି । କିନ୍ତୁ ଗରୀବ, ସାଧାରଣ ଲୋକଙ୍କ ଲାଗି ଆସୁଥିବା ଏହି ସବୁ ସୁବିଧା ସେମାନଙ୍କ ଆଖିଆଗରେ ଲୁଟ୍ ହୋଇଚାଲିଥିଲା, ହେଲେ ସେମାନେ ଆଜି ଯାଏଁ କେହି ଏସବୁ ଦିଗ ପ୍ରତି ଦୃଷ୍ଟି ଦେଇନଥିବା ଦେଖାଯାଇଛି । ତଥାପି ସୁନ୍ଦରଗଡର ବର୍ତମାନର ପ୍ରଥମ ଜିଲ୍ଲାପାଳଭାବେ ବର୍ତମାନର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଏହାର ତଦନ୍ତ ରାଉରକେଲାରୁ ଆରମ୍ଭ କରାଇଛନ୍ତି । ଦେଖାଯାଉ ସମଗ୍ର ଜିଲ୍ଲାର ୧୭ ବ୍ଲକ ୩ଟି ମ୍ୟୁନିସପାଲିଟିରେ କେବେ ତଦନ୍ତ ହେଉଛି ଓ ଏହାର ଫଳାଫଳ କ'ଣ ଆସୁଛି ତାହା ସମୟହିଁ କହିବ ।

# ଚାଷୀଙ୍କୁ ସାର ଯୋଗାଣ ଦାବିରେ ଓଡ଼ିଶା କୃଷକସଭାର ଧାରଣା

ଭଦ୍ରକ, ୧୨/୯ (ହି.ସ.) - ସରକାରୀ ଦରରେ ଚାଷୀଙ୍କୁ ସାର ଯୋଗାଇଦେବା, ସାରର ବ୍ୟାପକ କଳାବଜାରୀ ବନ୍ଦ କରିବା, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ସଂପୂର୍ଣ୍ଣ ଋଣ ଛାଡ କରାଯିବା, ବିନା ସୁଧରେ ଚାଷୀ ଓ ଭାଗଚାଷୀଙ୍କୁ ସମବାୟ ସମିତିରୁ ଋଣ ଯୋଗାଣ, ଇଚ୍ଛୁକ ଚାଷୀ ଓ ଭାଗଚାଷୀଙ୍କୁ ସମବାୟ ସମିତିରେ ସଭ୍ୟଭୁକ୍ତ କରାଯିବା ଦାବି ନେଇ ଓଡ଼ିଶା କୃଷକସଭା ପକ୍ଷରୁ ଆଜି ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଯଶିପୁର ସେବା ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯାଇଥିଲା । ସେବା ସମବାୟ ସଂପାଦକ ସାର ବ୍ୟବସାୟୀମାନଙ୍କ କବଜାରେ ରହି ବର୍ଷ ତମାମ୍ ଚାଷୀଙ୍କୁ ସାର ନଯୋଗାଇବାରୁ ଗତ ୩ ଦିନ ଧରି ସଂଗଠନ ପକ୍ଷରୁ ଉପରିସ୍ଥ ଅଧିକାରୀମାନଙ୍କୁ ଭେଟି ଦାବି ଜଣାଇବା ପରେ ତାହା ପୂରଣ ନହେବାରୁ ଆଜି ଏଭଳି ଚରମ ନିଷ୍ପତି ନିଆଯାଇଛି । ଏଥି ଉପଲକ୍ଷେ ସଂଗଠନ ପକ୍ଷରୁ ଏକ ଲାଲ ଝଣ୍ଡାର ପଟୁଆର ଯଶିପୁର ବଜାରରୁ ବାହାରି ସ୍ଥାନୀୟ ସେବା ସମବାୟ ସମିତିରେ ପହଥିଲା । ପରେ ଧାରଣା ସ୍ଥଳରେ ସଂଗଠନର ସଭ୍ୟମାନେ ଦୀର୍ଘ ସମୟ ଧରି ଧାରଣା ଦେବା ପରେ ସମବାୟ ସମିତିର ସଂପାଦକ ଚାଷୀମାନଙ୍କୁ ବାଧହୋଇ ତରବରିଆ ଭାବେ କିଛି ସାର ଆଣି ଧାରଣା ସ୍ଥଳରେ ବ ନ କରିଥିଲେ ଓ ସମସ୍ତ ଦାବୀ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ପ୍ରକାଶ ଥାଉକି ଯଶିପୁର ସେବା ସମବାୟ ସମିତିରେ ଦୀର୍ଘଦିନ ଧରି କୌଣସି ସରକାରୀ ଅଡିଟ୍ ନହେବାରୁ ସମବାୟ ସମିତି ସଂପାଦକ ତାଙ୍କ ମନମୁଖୀ କାର୍ଯ୍ୟ ଚଳାଇ ରଖିଥିବାର ଅଭିଯୋଗ ହୋଇଛି । ଏପରିକି ଶାସକ ଦଳ ଚାପରେ ପଡି ସେ ନୂତନ ଚାଷୀଙ୍କୁ ସମିତିରେ ସଭ୍ୟଭୁକ୍ତ କରୁନଥିଲେ । ମେସିନ୍ ଖରାପ ଥିବାର କଥା କହି ଦୀର୍ଘ ଏକବର୍ଷ ଧରି ଚାଷୀଙ୍କୁ ସାର ଯୋଗାଉନଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆସିଥିବା ଅର୍ଥରୁ ବଳସାହି ଗ୍ରାମର ପ୍ରାୟ ଏକହଜାର ଚାଷୀଙ୍କୁ ବାଦ୍ ଦେଇଥିଲେ । କମ୍ପ୍ୟୁଟର ପୋର୍ଟାଲର ଦୋଷ ବୋଲି କହି ସାଧାରଣ ଲୋକଙ୍କୁ ଭୁଡାଇ ଆସୁଥିଲେ । ମାତ୍ର ଆଜି ଆନ୍ଦୋଳନ ପରେ ଶେଷରେ ସେ ଦାବି ଗୁଡିକୁ ମାନିନେବାକୁ ବାଧ ହୋଇଛନ୍ତି । ଆଜିର ଏହି ଆନ୍ଦୋଳନରେ ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା ସଂପାଦକ ପ୍ରଫେସର ପ୍ରଭାସ ମହାପାତ୍ର, ଜିଲା ଯୁଗ୍ମ ସଂପାଦକ ବିକାଶ ନାଥ, ସିଟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ବ୍ଲକ୍ ସଂପାଦକ ଅଭିରାମ ବଳ, ଯଶିପୁର ଶାଖା ସଂପାଦକ ଗୌରାଙ୍ଗ ଯେନା, ଶିକ୍ଷାବିତ୍ ମହେଶ୍ୱର ମଲ୍ଲିକ, ଶ୍ରମିକ ନେତା ମଳୟ ଭୋଇ, ଚାଷୀନେତା ନବଘନ ସେନାପତି, ଅମୂଲ୍ୟ ନାୟକ, ଦିବାକର ସେନାପତି, ଜଗନ୍ନାଥ ନାୟକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଧାରଣାର ଖବର ପାଇ ଯଶିପୁର ସରପ ଲକ୍ଷ୍ମଣ ଜେନା ଧାରଣାସ୍ଥଳରେ ପହଂଚି ଚାଷୀଙ୍କ ଦାବି ଯଥାର୍ଥ ବୋଲି କହିବା ସହିତ ଅବିଳମ୍ବେ ସାର ବାଂଟିବାକୁ ସୋସାଇଟିର ସଂପାଦକଙ୍କୁ ମଧ୍ୟ ତାଗିଦ୍ କରିଥିଲେ । ସାର ବଂଟନ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ମାଲକାନଗିରି ଜିଲ୍ଲାରେ ଆରମ୍ଭ ହେଲା ପ୍ଲାଜମା ଥେରାପି

ମାଲକାନଗିରି,୧୨।୯ (ନି.ପ୍ର): ମାଲକାନଗିରି ଜିଲ୍ଲା ରେ କରୋନା ମହାମାରୀ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଏବେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୯୪ ପହଁଚିଛି ।ତେବେ ଏଭଳି ପରିସ୍ଥିତିରେ ବର୍ତମାନ ଜିଲ୍ଲା ବାସୀଙ୍କ ପାଇଁ ଆସିଛି ଆ ସ୍ୱସ୍ତିକର ଖବର !ଜିଲ୍ଲା ରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ପ୍ଲାଜମା ଥେରାପି !ସଫଳତା ର ସହ ରୋଗୀଙ୍କୁ ଦିଆଯାଇଛି ପ୍ଲାଜମା । କୋରାପୁଟ ରୁ ପ୍ଲାଜମା ମାଲକାନଗିରି କୋଭିଡ ମେଡିକାଲକୁ ଆସିବାପରେ ଗୁରୁତର ଥିବା ରୋଗୀ ଙ୍କୁ ଏହା ପ୍ରଦାନ କରାଯାଇଛି !ଏହା ଦ୍ୱାରା ରୋଗୀ ମଧ୍ୟ ସୁସ୍ଥ ହୋଇଥିବା ଜଣାପଡିଛି !ପ୍ଲାଜମା ନେଇ ସୁସ୍ଥ ହୋଇଥିବା କରୋନା ରୋଗୀ ମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କ ଏହି ପ୍ରଚେଷ୍ଟା ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି ।

# କଣାସ ବ୍ଲକ୍ କାର୍ଯ୍ୟାଳୟ ୭୨ଘଂଟା ସଟ୍‌ଡାଉନ୍

କଣାସ,୧୨।୯ (ନି.ପ୍ର): ପୁରୀ ଜିଲ୍ଲାର କଣାସ ବ୍ଲକରେ ପ୍ରତ୍ୟେକ ଦିନ କରୋନା ପଜେଟିଭ୍ ରୋଗୀ ଚିହ୍ନଟ ସଂଖ୍ୟା ବଢି ଚାଲିଥିବା ବେଳେ ଗତକାଲି କଣାସ ବ୍ଲକ ଅତିରିକ୍ତ ବିଡିଓ, ମୁଖ୍ୟ କିରାଣୀ, ବୋଟ୍ ଡ୍ରାଇଭର ୩ ଜଣ ସ୍ୱାବପରୀକ୍ଷାରେ କରୋନା ପଜେଟିଭ୍ ବାହାରିବାରୁ ଆଜି ବିଡିଓ ଲୋଚନ ଦାସ ବ୍ଲକ କାର୍ଯ୍ୟାଳୟକୁ ୭୨ ଘଂଟା ପାଇଁ ସଟ୍‌ଡାଉନ୍ କରିଛନ୍ତି । ଏହି ନିର୍ଦ୍ଦେଶ ପ୍ରକାରେ ଶୁକ୍ର, ଶନି ଓ ରବିବାର ୩ ଦିନ ଧରି ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବ ।


# ଗଡସାହି ଗ୍ରାମପଚାଂୟତରେ ଜବକାର୍ଡ ଟଙ୍କା ହରିଲୁଟ୍ ନେଇ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ

କଣାସ,୧୨।୯ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗଡସାହି ଗ୍ରାମପଚାଂୟତରେ ଦୀର୍ଘ ଦିନ ଧରି ଜବକାର୍ଡ ଟଙ୍କା ହରିଲୁଟ୍ ହେଉଥିବା ନେଇ ପୁରୀ ଜିଲ୍ଲାପାଳ ଏବଂ କଣାସ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି । କେତେକ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ଗଡସାହି ଗ୍ରାମପଚାଂୟତର ପୂର୍ବତନ ସରପଚଂ ଏବଂ ତାଙ୍କ ପତ୍ନୀ ତଥା ବର୍ତମାନର ସରପଂଚ ଜବକାର୍ଡ ହିତାଧିକାରୀଙ୍କ ଟଙ୍କାକୁ ନିଜ ଆତ୍ମୀୟଙ୍କ ନାମରେ ଥିବା ଆକାଉଂଟକୁ ଟ୍ରାନ୍ସଫର୍ କରି ନେଇଥିବା ଭଳି ସଙ୍ଗିନ ଅଭିଯୋଗ କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ କରିବା ପାଇଁ ଅଭିଯୋଗକାରୀ ମାନେ ଦାବିକରିଛନ୍ତି । ଏ ସମ୍ପର୍କରେ କଣାସ ବିଡିଓ ଲୋଚନ ଦାସଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ବନ୍ୟା କାର୍ଯ୍ୟରେ ବ୍ୟସ୍ତଥିବାରୁ ନିୟମିତ କାର୍ଯ୍ୟାଳୟରେ ରହିପାରୁନାହିଁ ଅଭିଯୋଗ କଥା ଆପଣଙ୍କ ଠାରୁ ଶୁଣୁଛି, ଯଦି କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ପହଂଚି ଥାଏ ତାହାଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରପଚଂ ମାନିନୀ ମଙ୍ଗରାଜଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ପଚାଂୟତ ନିୟମାବଳୀ ଓ ସରକାରଙ୍କ ଆଇନ୍ ମୁତାବକ କାର୍ଯ୍ୟ କରାଯାଇଛି । କୌଣସି ହରିଲୁଟ୍ ହୋଇନାହିଁ । ପୂର୍ବତନ ସରପଚଂ ତଥା ବର୍ତମାନ ସରପଚଂଙ୍କ ସ୍ୱାମୀ ବିଶ୍ୱଭୂଷଣ ମଙ୍ଗରାଜଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଆମେ କ୍ରମାଗତ ଭାବେ ସ୍ୱାମୀ-ସ୍ତ୍ରୀ ସରପଚଂ ହୋଇ ନିର୍ବାଚିତ ହେବାରୁ କେତେକ ରାଜନୈତିକ ବ୍ୟକ୍ତି ଆକ୍ରୋଶ ରଖି ମିଥ୍ୟା ଅଭିଯୋଗ ଆଣି ଆମକୁ ଏପରି ବଦନାମ୍ କରିବାପାଇଁ ଅପଚେଷ୍ଟା କରିଛନ୍ତି । ସରକାରୀ ସ୍ତରରେ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

# ଅଘୋଷିତ ବିଦ୍ୟୁତ କାଟ ଓ ବିଲ୍ ଛାଡ଼ ଲାଗି କାର୍ଯ୍ୟାଳୟ ଘେରିଲେ


କୋରେଇ,୧୨।୯ (ନି.ପ୍ର): ଯାଜପୁର ରୋଡ଼ ସବଡ଼ିଭିଜନ ଅଧିନସ୍ଥ ପାଣିକୋଇଲି ବିଦ୍ୟୁତ ସେକ୍ସନର ଦାୟିତ୍ୱହୀନତା ଓ କରୋନା ସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବଡ଼ବିରୁହାଁ ପଂଚାୟତ ଅଧିନସ୍ଥ ସୋଲପଟା ଗ୍ରାମର ଉପଭୋକ୍ତା ଗୁରୁବାର ଦିନ ପାଣିକୋଇଲି ବିଦ୍ୟୁତ ସେକ୍ସନକୁ ଘେରାଉ କରିଥିଲେ । ସେମାନଙ୍କର ଦାବି ମୁତାବକ କରୋନା ମହାମାରୀ ଯୋଗୁ ଜୀବିକା ହରାଇଥିବା ସହିତ ଚଳିତ ଖରସ୍ରୋତା ବନ୍ୟାରେ ତାଙ୍କର ଫସଲ ସମ୍ପୁର୍ଣ୍ଣ କ୍ଷତିଗ୍ରସ୍ତ ହୋଇଅଛି । ତା ଛଡ଼ା ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିମାସରେ ତାଙ୍କୁ ବିଲ ଦିଆଯାଉନାହିଁ କିମ୍ବା ବିଦ୍ୟୁତ ବିଲ ଆଦାୟ କରିବା ଲାଗି କୌଣସି କର୍ମଚାରୀ ଉକ୍ତ ଗ୍ରାମକୁ ଯାଉନାହାନ୍ତି । ଫଳରେ ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ ବିଲ ବାକି ରହିଛି । ଏହା ଉପରେ ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ପ୍ରଦାନ କରାନଯାଇ କିମ୍ବା କୌଣସି ଅଧିକାରୀ ତାଙ୍କର ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ ନକରି ତରବରିଆ ଭାବେ ସମ୍ପୁର୍ଣ୍ଣ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ । ଉପଭୋକ୍ତା ମାନେ ଚାଷ ଲାଗି ପୁନର୍ବାର ଅଂଟା ଭିଡୁଥିବା ବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁଁ ବୋରିଂ ଗୁଡ଼ିକ ବନ୍ଦ ହୋଇଯାଇଥିଲା । ଏହା ସହିତ ପିଲାମାନଙ୍କ ପାଠପଢା ଓ ଗ୍ରାମରେ କରୋନା ପିଡ଼ିତ ହୋମ କ୍ୱାରେଟାଂଇନରେ ରହୁଥିବା ବ୍ୟକ୍ତି ମାନେ ବିଦ୍ୟୁତ କାଟ ଯୋଗୁଁ ନାନା ଅସୁବିଧାର ସମ୍ମୁଖିନ ହୋଇଥିଲା । ଏ ଦିଗରେ ସେମାନେ ବିଭାଗର ଅଧିକାରୀ ଓ ଅଂଚଳର ଲାଇନମ୍ୟାନଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେମାନଙ୍କ ଠାରୁ କୌଣସି ଉତର ନମିଳିବାରୁ ସେମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହା ବ୍ୟତୀତ ବିଦ୍ୟୁତ ବିଭାଗ ତରଫରୁ ଲାଇନମ୍ୟାନଙ୍କ ସମେତ ବିଲ ଆଦାୟ ଓ ମିଟର ଲଗାଇବା ଲାଗି ଯାଉଥିବା ବ୍ୟକ୍ତି ମାନେ ତାଙ୍କୁ ଉତ୍କୋଚ ମାଗୁଥିବାର ଅଭିଯୋଗ ହୋଇଥିଲା । ଏ ଦିଗରେ ବିଭାଗ ତରଫରୁ ଉତ୍କୋଚ ମାଗିବା ନେଇ କୌଣସି ସ୍ପଷ୍ଟିକରଣ ଦିଆଯାଇନଥିବା ବେଳେ ସେମାନଙ୍କର ୭/୮ ମାସର ବିଦ୍ୟୁତ ବିଲ ବାକିଥିବା ଯୋଗୁଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପାଲଟା ଅଭିଯୋଗ କରିଥିଲେ । ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ସେମାନଙ୍କର ସମସ୍ୟା ସମାଧାନ କରିବା ଲାଗି ପହଂଚି ନଥିଲେ । ତେବେ କରୋନା ମହାମାରୀ ଯୋଗୁଁ ଦୀର୍ଘ ଛଅ ମାସ ହେଲା ରୋଜଗାର ହରାଇ ଘରେ ବସିରହିଥିବା ବେଳେ ବନ୍ୟା ସେମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଏପରି ପରିସ୍ଥିତିରେ ବିଦ୍ୟୁତ ବିଭାଗ ପରିସ୍ଥିତିର ସାମନା କରିବା ଲାଗି ଉପଭୋକ୍ତାଙ୍କୁ ସହଯୋଗ କରିବା ପରିବର୍ତେ ସେମାନଙ୍କ ଉପରେ ଜୁଲମ କରିବା ବିଭାଗର ହିଟଲରୀ ଶାସନର ପରିଚୟ ଦେଉଛି । ତେଣୁ ଏ ଦିଗରେ ସରକାର ପଦକ୍ଷେପ ସ୍ୱରୁପ ବିଦ୍ୟୁତ ବିଲ ସମ୍ପୁର୍ଣ୍ଣ ଛାଡ଼ କରିବା କିମ୍ବା ପରିଶୋଧ ଲାଗି ସମୟ ଦେବା ସହିତ ଲୋଭୋଲଟେଜ ଓ ଉତ୍କୋଚ ସମସ୍ୟା ପ୍ରତି ଗୁରୁତ୍ୱାରୋପ ନକଲେ ଆଗାମୀ ଦିନରେ ଆଇନକୁ ହାତକୁ ନେବୁ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

**ବର୍ଷା ନହେଲେ ଗାଁ ଲୋକେ ମୁଣ୍ଡିଆ ଉପରେ ଥିବା ପଥର ଛାମୁଣ୍ଡିଆକୁ ଯାଆନ୍ତି । ସେଠି ଇନ୍ଦ୍ର ପୂଜା ହୁଏ । ବିଶ୍ୱାସ ଥିଲା, ଇନ୍ଦ୍ରପୂଜା ହେଲେ ମୂଷକ ଧାରାରେ ବର୍ଷା ହେବ । ସେଥିପାଇଁ ତ ଗାଁ ଲୋକେ ପଥର ଛାମୁଣ୍ଡିଆ ଗଲାବେଳେ  ଛତା ନେଇ ଯାଇଥାନ୍ତି । ଏବେ କିନ୍ତୁ ଗାଁ ଲୋକେ ପାଣିପାଇଁ ପଥର ଛାମୁଣ୍ଡିଆ ଯାଉନାହାନ୍ତି କି ଇନ୍ଦ୍ରପୂଜା କରୁନାହାନ୍ତି ।**



# ମୁଣ୍ଡିଆ ଉପର ମରମ କଥା

ଗୋଟିଏ ବଡ଼ ଗାଁ । ଦି’ ପଟେ ଚାଷଜମି । ଗୋଟାଏ ପଟେ ଜଙ୍ଗଲ ଆଉ ଆରପଟେ ଫଟଟା ମୁଣ୍ଡିଆ । ମୁଣ୍ଡିଆ କହିଲେ ଛୋଟ ଛୋଟ ପାହାଡ଼ । ମୁଣ୍ଡିଆ ଚାରିପଟେ କଣ୍ଟାଝଣ୍ଟା ନଟା ବଣ । ଫଟା ମୁଣ୍ଡିଆକୁ ଲାଗି ଦେଉଳିଆ ମୁଣ୍ଡିଆ । ଗାଁ ଲୋକେ କୁହନ୍ତି ଫଟା ମୁଣ୍ଡିଆ ଆଉ ଦେଉଳିଆ ଦି’ ଭାଇ । ଦୁହିଁଙ୍କ ଇଲାକା ବି ଭାଗବଣ୍ଟା ହୋଇଛି କି ନାହିଁ ଜଣା ନାହିଁ ହେଲେ ଗାଁ ଲୋକେ ଜାଣନ୍ତି, କେଉଁଟା କୋଉ ମୁଣ୍ଡିଆରେ ଯାଉଛି । ପାହାଡ଼କୁ ଲାଗି ଚାରିପଟେ



ଗଛ । ଦୂରରୁ ଦେଖିଲେ ନରି ଜେଜେଙ୍କ ଚନ୍ଦାମୁଣ୍ଡ ଭଳି ଦିଶେ । ହଁ, ନରି ଜେଜେ ଚନ୍ଦା ହେଲେ କ’ଣ ହେବ ଭାରି ବୁଦ୍ଧିଆ । ତାଙ୍କ ଜିଭ ଆଗରେ ଦଶ କି ପନ୍ଦର ଖଣ୍ଡ ମୌଜାର ନକ୍ସା । କାହା ବାଡ଼ିକୁ କିଏ ସୂତାଏ ମାଡ଼ିଗଲେ ବି ନରି ଜେଜେ ଆଖି ପକେଇ କହିଦିଅନ୍ତି । ସେଇଥିପାଇଁ ଗାଁ ଜମି କାହାର ଭାଗବଂଟା ହେଲେ ନରି ଜେଜେ ଆଗରେ । ଲୋକଟା ବଡ଼ ଦିମାକିଆ ବି । ଜମିବାଡ଼ିକୁ ନେଇ ହିସାବ ବରାବର ସିନା ହେଲେ କଳି ଝଗଡ଼ା ଲାଗିବା ବେଳକୁ ଘଳିଆ ମାରି ଛୁ । କୋଉଠି କିଏ ପଚାରିଲେ କୁହନ୍ତି, କିରେ ଆମେ ମାପଚୁପ କଥା କହିବୁ । ତମ ଘର ଝଗଡ଼ାରେ କିଆଁ ପଶିବୁ ? ତାଙ୍କର ଆଉ ଗୋଟାଏ ଦିମାକ ହେଉଛି ଗାଁ ଇତିହାସ ଆଉ କିମ୍ବଦନ୍ତୀ ଉପରେ ଅଜସ୍ର ଜ୍ଞାନ । କୋଉ କାଳେ ଗାଁକୁ କୋଉ ରାଜା କି ସାହେବ ଆସିଥିଲେ ସେ ସବୁ ବୁଢ଼ାଙ୍କୁ ଜଣା । ଗାଁ ପାହାଡ଼ରେ କାହିଁରେ କେତେ ପଥର ଅଛି, କୋଉଠି ନିମକ ହାରାମ ପଥର ଆଉ କୋଉଟା କାହାଳିଆ ସୋରା କାହିଁକି ହେଲା ସବୁ କଥା ନରି ଜେଜେଙ୍କୁ ଜଣା । କିଏ ଯଦି କୋଉଠି ଗାଁ ଇତିହାସ କଥା ପଚାରନ୍ତି ନରିଜେଜେ ପୂରା ପୋଥି ବଖାଣି ବସନ୍ତି । ସିଏ ଯାହା କହୁଥିଲେ, ବ୍ରିଟିଶ ଅମଳରେ ପାଇକମାନେ କୁଆଡ଼େ ଗାଁ ପାହାଡ଼ରେ ଲୁଚି ଲଢ଼େଇ କରୁଥିଲେ । ପାଇକଙ୍କ ଲଢ଼େଇର ତାରିକା ବି ଅଲଗା ଥିଲା । ଫିରିଙ୍ଗି ସେନାଙ୍କ ଭଳି ଗାଁ ପାଇକଙ୍କ ପାଖରେ ସିନା ଗୁଳିଗୋଳା ନଥିଲା, ହେଲେ ମୁଣ୍ଡରେ ମୁଣ୍ଡେ ମଗଜ ଭର୍ତ୍ତି ହୋଇଥିଲା । ପାହାଡ଼ ଉପରେ ଲୁଚି ରହୁଥିଲେ । ଉପରେ ଗୋଟାଏ ବଡ଼ ପଥର ତଳେ ଚାବିଭଳି ଛୋଟ ପଥର ଖଞ୍ଜି ରଖିଥାନ୍ତି । ବ୍ରିଟିଶ ସିପାହି ଆସିଲା ବେଳକୁ ଜଣେ କାହାଳିଆ ତଳେ ବସି କାହାଳୀ ବଜାଇ ଜଣାଇଦିଏ । ପାଇକମାନେ ଜାଣିଦିଅନ୍ତି ଫିରିଙ୍ଗି ସିପାହୀ ଆସିଗଲେ । ଚତୁରତାର ସହ ଉପରୁ ଚାବି ଭଳି ଥିବା ଛୋଟ ପଥରଟି ଖସେଇଦେଲେ ଉପରୁ ବଡ଼ ପଥର ଗଡ଼ି ଗଡ଼ି ତଳକୁ ପଳେଇ ଆସି ବ୍ରିଟିଶମାନେ ଛତ୍ରଭଙ୍ଗ ଦିଅନ୍ତି । ଥରେ ଗୋଟାଏ ବଡ଼ ପଥର ଖସିଲାନି ବୋଲି ତ ସିପାହିମାନେ ମୁଣ୍ଡିଆ ଉପରକୁ ଯାଇ ପାଇକମାନଙ୍କୁ ବାନ୍ଧି ଆଣିଲେ । ସେଇ ଭୁଲ ପାଇଁ ବିଚରା ଗାଁ ପାହାଡ଼ ଉପରେ ଥିବା ବଡ଼ପଥରଟା ସେଇଦିନୁ ନିମକ ହାରାମ ପଥର ହୋଇ ପଡ଼ିରହିଛି । ଅନେକେ ତାଙ୍କ ପଥର ଛାମୁଣ୍ଡିଆ ବୋଲି କୁହନ୍ତି । ଆଉ ଯୋଉଠି ଲୋକଟା କାହାଳୀ ବଜାଏ ସେ ଜାଗାଟା ଏବେ କାହାଳିଆ ସୋରା ହୋଇ ଏବେ ବି ରହିଛି । ନିମକ ହାରାମ ପଥର ପଛରେ ଗାଁର ଆଉ ଗୋଟାଏ କିମ୍ବଦନ୍ତୀ ଏବେ ଲୁଚିକି ରହିଛି । କେହିକେହି ଏ ପଥରକୁ ଇନ୍ଦ୍ରଙ୍କ ପଥର ବୋଲି କୁହନ୍ତି । କାରଣ ପଥରଟା ଏମିତି ରହିଛି ଗାଈଆଳି ଗାଈ ଚରାଇବା ବେଳେ ଯଦି ବର୍ଷା ପବନ ହୁଏ ପୂରା ଗୋରୁ ନେଇ ପଥର ତଳେ ଲୁଚିଯାଏ । ଯେଉଁଥିରେ ସତୁରିରୁ ଅଶୀ ଗୋରୁ ରହିଯାନ୍ତି ।

ମୋର ମନେ ଅଛି, ଗାଁ ରେ ଗୋଟାଏ ବର୍ଷ ଆଷାଢ଼ ଅଧା ଯାଏ ବର୍ଷା ହେଲାନି । କୂଅ, ପୋଖରୀ ଶୁଖିଗଲା । ତଳ ପୋଖରୀରେ ପାଣି ପଙ୍କୁଆ ଦେଖାଗଲା । ପୁରୁଣା ପୋଖରୀରେ ମାଛମରା ପାଇଁ ଶୁଖିଲା ଥିଲା ଯେ, ପନ୍ଦର ଦିନ କାଳ ସେମିତି ଶୁଖିଲା ପଡ଼ିଲା । ନୂଆ ପୋଖରୀରେ ଗାଁର ସବୁ ଲୋକେ ଗାଧୋଇ ପାଣି ପୂଜ ହେଇଗଲା । ଏମିତିକି କୂଅରେ ପାଣି ଛଣା ପଡ଼ିଲା । ଆମେ ସେ ବର୍ଷ ମାଇନର ସ୍କୁଲରେ ପଢୁଥିଲୁ । କାହ୍ନୁମାଷ୍ଟ୍ରେ ସ୍କୁଲ ଛୁଟି ପରେ ପିଲାଙ୍କୁ ବେଙ୍ଗ ନାଟ କରେଇଲେ । ଆର ଗାଁରେ ବେଙ୍ଗ-ବେଙ୍ଗୁଲୀ ବାହାଘର ବି ହେଲା । ହେଲେ ବର୍ଷ ଟୋପାଏ ବି ହେଲାନି । ଶେଷରେ ଗାଁ ଲୋକେ ଆରଗାଁ ଗୁଣ୍ଟୁଚି ଅବଧାନଙ୍କ ପାଖକୁ ଯାଇଥିଲେ । ଅବଧାନ ଗାଁର ପାଞ୍ଜି ଦେଖି କହିଲେ ବିପ୍ରାତ ପଡ଼ିଛି, ଇନ୍ଦ୍ର କୋପ କରିଛନ୍ତି । ଇନ୍ଦ୍ରଙ୍କୁ ତୁଷ୍ଟ କରିବାକୁ ଗାଁ ଲୋକେ ଗ୍ରାମଦେବୀଙ୍କ ପାଖରେ ଯଜ୍ଞ କଲେ । ତଥାପି ବର୍ଷା ହେଲାନି । ଶେଷରେ ଖୋଳ, ଝାଞ୍ଜି ଧରି ମୁଣ୍ଡିଆ ଉପରେ ଥିବା ପଥର ଚାଙ୍ଗୁଡ଼ା ପାଖକୁ ଗଲେ । ସେଠି କୀର୍ତ୍ତନ ହେବା ମାତ୍ରେ ସତକୁ ସତ ମୂଷକ ଧାରାରେ ବର୍ଷା ହେଲା । କଥାଟା ଆଗରୁ ଲୋକା ଜେଜେ, ବାଞ୍ଚା ଜେଜେ କୁହନ୍ତି । କେବେ କେବେ କୀର୍ତ୍ତନ ହେଉ ହେଉ ଏତେ ବର୍ଷା ହୁଏ ଯେ ଲୋକେ ଫେରି ପାରନ୍ତି ନାହିଁ । ସେହିଠାରେ ସାରା ରାତି ରହିଯାନ୍ତି । ସେଥିପାଇଁ ବି ଅନେକ ସମୟରେ ଗାଁ ଲୋକେ ଡେକ୍‌ଚି ହାଣ୍ଡି ନେଇଥାନ୍ତି । ଏସବୁ କଥା କେତେ ସତ ଆମେ ଜାଣିନୁ, ହେଲେ ନରି ଜେଜେ ପିଢ଼ି ପରେ ପିଢ଼ି ଏଇ କଥା କହି ଆସନ୍ତି ଆଉ ଗାଁ ଲୋକେ ବିଶ୍ୱାସ କରନ୍ତି । ଖାଲି ଏତିକି ନୁହେଁ, ଆଖପାଖ ପାଞ୍ଚ ପଚାଶ ଖଣ୍ଡ ଗାଁର ନାମକରଣ ବିଷୟରେ ବି ନରିଜେଜେ ଅନର୍ଗଳ ଭାବେ କହି ଦେଇପାରନ୍ତି । ଏବେ ଗାଁରେ ନରିଜେଜେ, ଲୋକାଜେଜେ କି ବାଞ୍ଚାଜେଜେ ଆଉ ନାହାନ୍ତି । ତାଙ୍କ ସମୟର ସବୁ ଲୋକ ଚାଲିଗଲେଣି । ଗୁଣ୍ଟୁଚି ଅବଧାନେ ବି କୋଉ କାଳରୁ ଆର ପାରିକି ଗଲେଣି । ଆଷାଢ଼ ଯାଇ ଶ୍ରାବଣ ଗଲେ ବି ଲୋକଙ୍କର ବର୍ଷା ଖୋଜା ପଡୁନି । ଏଇଥିପାଇଁ ଯେ ଗାଁ ଲୋକେ ଆଉ ଚାଷବାସ କରୁନାହାନ୍ତି କି କୂଅ, ପୋଖରୀ ପାଣି ଉପରେ ନିର୍ଭର କରୁନାହାନ୍ତି । ଘରେ ଘରେ ପାଇଖାନା, ଗାଧୁଆ ଘର । ପିଏଚ୍‌ଡିବାଲାଏ ଚବିଶ ଘଣ୍ଟିଆ ପାଣି ସାପ୍ଲାୟ କରୁଛନ୍ତି । ନା ପିଇବା ପାଣିର ଝିନଝଟ ଅଛି ନା ଗାଧୋଇବା ପାଣିର । କିନ୍ତୁ ଏମିତି ହେଉଛି ବାତ୍ୟାରେ କେବେ ବିଜୁଳି କଟିଗଲେ ତିନି ଚାରିଦିନ ଯାଏ ଲୋକେ ପାଣି ମୁନ୍ଦାଏ ପାଇଁ କିଲିବିଲି ହୋଇଯାଉଛନ୍ତି । ପାଣିର ଚାବିକାଠି ଏବେ ଇନ୍ଦ୍ରଙ୍କ ଉପରେ ନୁହେଁ ବରଂ ସରକାରଙ୍କ ହାତରେ ରହିଛି ।

## ଲକ୍‌ଡାଉନ୍‌ରେ ସକରାତ୍ମକ ପ୍ରୟାସ

# ଗାଁର ରୂପ ବଦଳାଇଲେ ଯୁବଗୋଷ୍ଠୀ

ଲକ୍‌ଡାଉନ୍ ଯୋଗୁ ମହାନଗରରେ କାମ କରୁଥିବା ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଅରଖୁଣ୍ଡ ଗାଁର କେତେକ ଯୁବକ ଗାଁକୁ ଫେରି ଆସିଥିଲେ । ଗାଁକୁ ଫେରିବା ପରେ ସେମାନେ କିନ୍ତୁ ନିରାଶ ହୋଇନଥିଲେ । ପାର୍ବତୀୟ ଲୋକକଳା, ସଂସ୍କୃତି, ପରିବେଶ ଏବଂ ଗ୍ରାମୀଣ ଜୀବନର ପ୍ରତିଫଳନ କରୁଥିବା ଚିତ୍ର ଆଙ୍କି ଗାଁର ସବୁ ଘରର କାନ୍ଥକୁ ସେମାନେ କାରୁକାର୍ଯ୍ୟପୂର୍ଣ୍ଣ କରିଛନ୍ତି । ଏବେ ଗାଁର ଦୃଶ୍ୟପଟ୍ଟ ଅତ୍ୟନ୍ତ ସୁନ୍ଦର ହୋଇଯାଇଛି । ଚାରିଧାମ ଭ୍ରମଣରେ ଯାଉଥିବା ଯାତ୍ରୀଙ୍କୁ ଏଭଳି ନିଆରା ଉଦ୍ୟମ ମାଧ୍ୟମରେ ଆକର୍ଷିତ କରିବା ସେମାନଙ୍କର ଲକ୍ଷ୍ୟ । ରୁଦ୍ରପ୍ରୟାଗଠାରୁ ୨୯ କିମି ଦୂରରେ ଥିବା ଅରଖୁଣ୍ଡ ଗାଁରେ ୧୭୩ଟି ଘର ରହିଛି । ଜନସଂଖ୍ୟା ପ୍ରାୟ ୮୩୩ । ଅରୁଖଣ୍ଡର ବହୁ ଯୁବକ ମହାନଗରରେ ଥିବା କଂପାନିରେ କାମ କରନ୍ତି । ଲକଡାଉନ୍ ସେମାନଙ୍କୁ ଗାଁକୁ ଫେରିବାକୁ ବାଧ୍ୟ କରିଥିବାବେଳେ ସୁମିତ ରାଣା ନାମକ ଜଣେ ଯୁବକଙ୍କ ମନରେ ପ୍ରଥମେ ଏଭଳି ନିଆରା ଚିନ୍ତାଧାରା ଆସିଥିଲା । ସେ ଚିତ୍ରକଳାରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଛନ୍ତି । ସୁମିତ କିଛି ଯୁବକଙ୍କୁ ନେଇ ଦେବଭୂମି ପରିବେଶକୁ ଚିତ୍ରରେ



ଉତାରିବା ପାଇଁ ଯୋଜନା କରିଥିଲେ । ଏଥିପାଇଁ ସେ ୪ ହଜାର ଟଙ୍କାରେ ରଙ୍ଗ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ । ସୁମିତଙ୍କ ସହ ତ୍ରିଲୋକ ରାୱତ୍, ପ୍ରମୋଦ ରାୱତ, ସୂର୍ଯ୍ୟକାନ୍ତ ଗୋସ୍ୱାମୀ, ନୀରଜ ଭଟ୍ଟ ଏବଂ ଆଲୋକ ନେଗୀଙ୍କ ଭଳି ଯୁବକ ମିଶି କିଛି ଦିନ ମଧ୍ୟରେ ଅରୁଖଣ୍ଡର ରୂପକୁ ବଦଳାଇ ଦେଲେ । ସୁମିତ କହିଛନ୍ତି, ଆମେ ଚାହୁଁଛୁ ଚାରିଧାମ ଯାତ୍ରା ସହିତ ଆମର ଗାଁକୁ ସଂଯୋଗକ କରାଯାଉ । ଫଳରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ । ପର୍ଯ୍ୟଟନ ଶିଳ୍ପ ପ୍ରୋତ୍ସାହିତ ହେଲେ ଆମେ ବାହାରକୁ କାମ କରିବାକୁ ହୋଇ ଷ୍ଟେ ଆରମ୍ଭ କରି ଏଇଠୁ ରୋଜଗାର କରିବୁ । ସେମାନଙ୍କର ଉଦ୍ୟମକୁ ରାଜ୍ୟ ସରକାର ମଧ୍ୟ ପ୍ରଶଂସା କରିଛନ୍ତି । ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀ ସତ୍‌ପାଲ ମହାରାଜ କହିଛନ୍ତି, ଏଭଳି ଗାଁ ପାଇଁ ଖୁବ୍‌ଶୀଘ୍ର ଯୋଜନା ଅଣାଯାଉଛି । ଏଗୁଡ଼ିକୁ ସୁନ୍ଦର କରାଯାଇ ଟୁରିଷ୍ଟ ସର୍କିଟ୍ ସହ ଯୋଡ଼ାଯିବା ଲାଗି ଉଦ୍ୟମ ହେଉଛି । ସେହି କାମରେ ଏହି ଯୁବକମାନଙ୍କ ସହାୟତା ନିଆଯିବ ।

# ଖାଦ୍ୟ ଡେଲିଭର କରୁଛନ୍ତି ସାର୍ଟଲେସ୍ ବଡିବିଲଡର

କରୋନା ମହାମାରୀ ଜନିତ ସଙ୍କଟ ଯୋଗୁ ସାରା ବିଶ୍ୱ ଏବେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି । ବେପାର, ହୋଟେଲ ଲିଜ୍ଞ ଇତ୍ୟାଦି କ୍ଷେତ୍ରରେ ସ୍ୱାଭାବିକତା ଫେରାଇ ଆଣିବା ଲାଗି ବ୍ୟାପକ ଉଦ୍ୟମ ହେଉଛି । ଏପରିସ୍ଥଳରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ଲାଗି କେନ୍ଦ୍ରୀୟ ଜାପାନରେ ଥିବା ଏକ ସୁଶୀ ରେସ୍ତୋରାଁ ପକ୍ଷରୁ ଏକ ନିଆରା ଉପାୟ ଅବଲମ୍ବନ କରାଯାଉଛି । ସେ ଅନୁସାରେ ଗ୍ରାହକଙ୍କୁ ସାର୍ଟଲେସ୍ ବଲିବିଲଡରମାନେ ଖାଦ୍ୟ ଡେଲିଭର କରୁଛନ୍ତି । ଏହି ସେବାର ନାମ ‘ଡେଲିଭରି ମାଚୋ’ ରଖାଯାଇଛି । ରେସ୍ତୋରାଁର ପ୍ରତିଷ୍ଠାତା ୪୧ ବର୍ଷୀୟ ସେଫ୍ ମସାନୋରି ସୁଗିଉରା ନିଜେ ମଧ୍ୟ ଜଣେ ବଡିବିଲଡର । କରୋନା ସଙ୍କଟ ଯୋଗୁ ବିଗତ କିଛି ମାସ ମଧ୍ୟରେ ତାଙ୍କ ରେସ୍ତୋରାଁର ଖାଦ୍ୟ ବିକ୍ରି ଯଥେଷ୍ଟ ହ୍ରାସ ପାଇଥିଲା । କରୋନା ଭୟରେ ଲୋକମାନେ ଖାଦ୍ୟ ମଗାଇ ଖାଇବାକୁ ଭୟ କରୁଥିବାରୁ ବେପାରକୁ ପୁଣି କେମିତି ବଢ଼ାଇବେ ସେଥିନେଇ ସେ ଚିନ୍ତାରେ ଥିଲେ । ଇତିମଧ୍ୟରେ ତାଙ୍କ ମନକୁ ଏହି ନିଆରା ଆଇଡିଆ ଆସିଥିଲା । ତେଣୁ ସେ ସ୍ଥାନୀୟ ଅଞ୍ଚଳରେ ଫିଟ୍‌ନେସ୍ ଜିମ୍‌ରେ କାମ କରୁଥିବା ତାଙ୍କ ସବୁ ବନ୍ଧୁମାନଙ୍କୁ ଡକାଇ ଡେଲିଭରି ବୟ ଭାବେ କାମ କରିବାକୁ ପ୍ରସ୍ତାବ



ଦେଇଥିଲେ । କରୋନା ସଙ୍କଟ ଯୋଗୁ ଜିମ୍‌ଗୁଡ଼ିକ ବନ୍ଦ ଥିବାରୁ ସେମାନେ ମଧ୍ୟ ବେରୋଗାର ହୋଇବସିଥିଲେ । ଏପରିସ୍ଥଳେ ସେମାନେ ସୁଗିଉରାଙ୍କ ପ୍ରସ୍ତାବରେ ରାଜି ହୋଇଗଲେ । ତେବେ ବଡିବିଲଡରମାନଙ୍କ ଦ୍ୱାରା ଖାଦ୍ୟ ଡେଲିଭରି ପାଇବା ଲାଗି ଜଣେ ଲୋକ ଅତି କମ୍‌ରେ ୭୦୦୦ ୟେନ୍ (୬୬ ଡଲାର)ର ଖାଦ୍ୟ ଅର୍ଡର କରିବା ଆବଶ୍ୟକ ବୋଲି ଜଣାପଡ଼ିଛି । ସେପଟେ ଏହି ନିଆରା ପଦକ୍ଷେପ ଯୋଗୁ ସୁଗିଉରା ଖୁବ୍ ଚର୍ଚ୍ଚିତ ହୋଇପଡ଼ିଛନ୍ତି । ଦିନକୁ ତାଙ୍କୁ ଅତି କମ୍‌ରେ ୧୦ଟି ଅର୍ଡର ଆସୁଛି । ସେଥିଯୋଗୁ ତାଙ୍କ ମାସିକ ରୋଜଗାର ବୃଦ୍ଧି ପାଇଥିବା ସେ ପ୍ରକାଶ କରିଛନ୍ତି ।

## ମହୁର ଚମତ୍କାରୀ ଉପଯୋଗ



**ମହୌଷଧି ମହୁକୁ ନିୟମିତ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ପରାମର୍ଶରେ ପିଲାଠାରୁ ବୟସ୍କ ଆବଶ୍ୟକ ପରିମାଣରେ ମହୁ ଖାଇବା ଉଚିତ ।**

୧ଚାମଚ ମହୁରେ ଅଧ ଚାମଚ ପାଣି ମିଶାଇ କେଶରେ ଲଗାନ୍ତୁ । ୧୫ମିନିଟ୍ ପରେ କେଶ ଶ୍ୟାମ୍ପୁ କଲେ କେଶ କୋମଳ ହେବା ସହ ଚମକପ୍ରଦ ହୁଏ ।

ମହୁ, ପାଣି ଓ ଭିନେଗାରକୁ ସମାନ ଭାବରେ ମିଶାଇ ସ୍ପ୍ରେ ପରି ଗଛରେ ପକାନ୍ତୁ । ଏହା ଏକ କୀଟନାଶକ ଭଳି କାମ କରେ ।

ବ୍ରଣକୁ ତୁରନ୍ତ ଦବାଇବାକୁ ଚାହୁଁଥିଲେ ଆଙ୍ଗୁଠି ଟିପରେ ମହୁ ନେଇବ୍ରଣ ସ୍ଥାନରେ ଲଗାନ୍ତୁ ଦେଖିବେ ବ୍ରଣ ଦବିଯିବ । ସୁଗାର ଫ୍ରି ବଦଳରେ ମଧୁମେହ ରୋଗୀ ଖାଦ୍ୟପେୟରେ ମହୁ ବ୍ୟବହାର କରିବା ଉଚିତ । ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ । ନିଦ୍ରାହୀନ ରୋଗୀ ଅଧ ଚାମଚ ମହୁରେ ସାମାନ୍ୟ ଲୁଣ ମିଶାଇ ଖାଇଲେ ଭଲ ନିଦ ହୋଇଥାଏ । ଶରୀରର କୌଣସି ଜାଗା କଟିଗଲେ, ତୁରନ୍ତ ମହୁ ଲଗାଇଲେ ତାହା ଆଣ୍ଟିସେପଟିକ୍ ଭାବେ କାମ କରେ ।

# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରକୃତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

### ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ

ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି ।  ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୩ ସେପ୍ଟେମ୍ବର ୨୦୨୦, ରବିବାର

୪


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭରଷା ରହୁ...

ତମାମ୍ ବିଶ୍ୱରେ ମାନବ ଜାତି ପାଇଁ ଭୟାନକ ସ୍ଥିତି ଉପଜିବାର କାରଣ ସାଜିଥିବା କରୋନା ଭୂତାଣୁ କବଳରୁ ରକ୍ଷା ପାଇବା ପାଇଁ ସମସ୍ତେ ଛଟପଟ ହେଲେଣି । ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ହେଉ ବିଭିନ୍ନ ଉପଚାର ଜରିଆରେ ଭୂତାଣୁ ସଂକ୍ରମଣଠାରୁ ରକ୍ଷା ପାଇଯିବା ନିମନ୍ତେ ବ୍ୟାବହାରିକ ଜୀବନଶୈଳୀ ଆପଣାଉଛନ୍ତି ସିନା, ମହାଭୂତାଣୁ ପାଇଁ କିଛି ସୁଦ୍ଧା ପ୍ରତିଷେଧକ ବିକଶିତ ହୋଇପାରିନାହିଁ । ଅନେକ ରାଷ୍ଟ୍ର ଟିକା ପ୍ରସ୍ତୁତ ପାଇଁ ଗବେଷକ ଓ ଚିକିତ୍ସା ବିଜ୍ଞାନୀମାନଙ୍କୁ ନିୟୋଜିତ ରଖିଛନ୍ତି । ଅକ୍ସଫୋର୍ଡ ୟୁନିଭର୍ସିଟି ଆଷ୍ଟ୍ରୋଜେନିକା ସଂସ୍ଥା, ସିରମ୍ ଇନ୍ଷ୍ଟିଚ୍ୟୁଟ୍ (ଏସ୍ଆଇଆଇ) ଠାରୁ ଆରମ୍ଭ କରି ବହୁ ସଂସ୍ଥା କୋଟି କୋଟି ଡଲାର ବିନିଯୋଗ କରି ସମ୍ଭାବ୍ୟ ଟିକା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । କେହି ବି ନିଧାର୍ଯ୍ୟ ଭାବେ କେବେ ପ୍ରତିଷେଧକ ଟିକା ବାହାରିବ, ସେଥିନେଇ ସୂଚନା ଦେବାରେ ସମର୍ଥ ହୋଇପାରିନାହାନ୍ତି । ଆମ ଦେଶରେ କୋଭାକ୍ସିନ୍ ପରୀକ୍ଷଣ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରିଛି । ଏହାର ଅନ୍ତିମ ପର୍ଯ୍ୟାୟ କେତେଶୀଘ୍ର ସଫଳ ପ୍ରକଟିତ ହେବ, ତାହାକୁ ସମସ୍ତଙ୍କର ଅପେକ୍ଷା । ଏହି ଭୂତାରୁ ସଂକ୍ରମଣ ଯେହେତୁ ଅଭୂତପୂର୍ବ ଓ ଅଶ୍ରୁତପୂର୍ବ, ତାହାର ପ୍ରତିଷେଧକ ବାହାର କରାଯିବା ନିଶ୍ଚିତ ରୂପେ କଷ୍ଟସାଧ୍ୟ । ତାହାରି ଭିତରେ ସଂକ୍ରମଣ ଓ ମୃତ୍ୟୁ ହାର ନେଇ ଯେଉଁ ଆତଙ୍କପ୍ରଦ ସୂଚନା ମିଳିଛି, ସେଥିରେ ଆମେରିକା ପଛକୁ ଭାରତ ପହଞ୍ଚି ସାରିଲାଣି । ଯେଉଁ ମାତ୍ରାରେ ସଂକ୍ରମଣ ବଢ଼ିଚାଲିଛି, କେତେବେଳେ ଆମେରିକାକୁ ଟପିଯାଇ ଆମ ଦେଶ ପ୍ରଥମ ହୋଇନଯିବ, କହିହେବନି । ଯେଉଁ ଚୀନ୍ କୋଭିଡ୍-୧୯ ନାଭିକେନ୍ଦ୍ର ବୋଲି କୁହାଯାଉଛି, ତାହା ମଧ କରୋନା ପ୍ରତିଷେଧକ ବାହାର କରିବା ଦୌଡ଼ରେ ଅଛି । ବଡ଼ ବିକଶିତ ଦେଶ ମାନବ ଜାତିକୁ ରକ୍ଷା କରିବା ପ୍ରୟାସରେ ଟିକା ବାହାର କରିବା ଦୌଡ଼ରେ ଅଛନ୍ତି । ବିଭିନ୍ନ ପର୍ଯ୍ୟାୟ ପରୀକ୍ଷଣ ପାର ହୋଇ ନିର୍ଦ୍ଦିଷ୍ଟ ସ୍ତରରେ ସ୍ୱେଚ୍ଛାସେବୀଙ୍କ ଦେହରେ ପ୍ରତିକ୍ରିୟା ଦେଖାଦେବା ପରେ ସିରମ୍ ଇନ୍ଷ୍ଟିଚ୍ୟୁଟ୍ କୋଭିଡ୍ ଭ୍ୟାକ୍ସିନ ପରୀକ୍ଷଣ ଭାରତରେ ସ୍ଥଗିତ ରଖିଦେଇଛି । ପୂର୍ବଦିନରେ ବସନ୍ତ ଓ ମିଳିମିଳା ପ୍ରତିଷେଧକ ବାହାର କରାଯିବା ସମୟରେ ଏହିଭଳି ଅଘଟଣ ଘଟିଥିବା ଦେଖାଦେଇଥିବା ବେଳେ ଏବେ କରୋନା ପ୍ରତିଷେଧକ ଟିକା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଝଟ୍କା ସାମୟିକ ବୋଲି ବୁଝିବାକୁ ହେବ । ଚୀନ୍ ଟିକା ବିକଶିତ କରିପାରିନଥିଲେ ମଧ୍ୟ ନାଜାଲ୍ ସ୍ପ୍ରେ ବାହାର କରି ତାହାକୁ ବ୍ୟବହାର ପାଇଁ ଉପଯୋଗୀ ବୋଲି ସ୍ୱୀକୃତି ଦେଇସାରିଛି । ଜ୍ୱର, କାଶ, ଛିଙ୍କ ଭଳି ଲକ୍ଷର କରୋନାର ପ୍ରାଥମିକ ଲକ୍ଷଣ ବୋଲି କୁହାଯାଉଥିବା ବେଳେ ତାହାର ପ୍ରତିଷେଧକ ଭାବେ ପାରାସିଟାମଲ୍, କଫ୍ ସିରପ୍ ଓ ଭିଟାମିନ୍-ସି ତଥା ଜିଙ୍କୋଭିଟ୍ ସେବନ ପାଇଁ ପରାମର୍ଶ ଦିଆଯାଉଛି । ବୟସାଧିକ୍ୟ କାରଣ ସାଙ୍ଗକୁ ମଧୁମେହ ଓ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିଙ୍କ ପ୍ରୋମର୍ବିଡିଟି ସମ୍ଭାବନା ଥିବା ଦର୍ଶାଯାଇ ସେମାନଙ୍କୁ ବାହାରକୁ ନବାହାରିବା ସକାଶେ ପରାମର୍ଶ ଦିଆଯାଇଛି । ଗୋଟେ ଅଧେ କ୍ଷେତ୍ରରେ ପଜିଟିଭ୍ କେସ୍‌ଗୁଡ଼ିକ ଆରୋଗ୍ୟ ସତ୍ତ୍ୱେ ପୁଣି ପଜିଟିଭ୍ ହେବା ମାମଲା ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇ ଦେଇଥିବା ସ୍ୱାଭାବିକ୍ । କରୋନା ଭୂତାଣୁର ପୃଷ୍ଠଭୂମି ନେଇ କାହାରିକୁ କିଛି ଜଣାନଥିବାରୁ ବହୁ କ୍ଷେତ୍ରରେ ଅନ୍ଧାରରେ ବାଡ଼ି ବୁଲାଇବା ଭଳି କାମ ହେଉଛି । ବିଶ୍ୱବ୍ୟାପୀ ଅର୍ଥନୀତି ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଆମ ଭଳି ଅନ୍ନୋନ୍ନତ ଦେଶଗୁଡ଼ିକରେ ବେକାରୀ ଶୀର୍ଷବିନ୍ଦୁ ଛୁଇଁ ସାରିଲାଣି । ୨୦୨୦ ବର୍ଷସାରା ଜଟିଳତା ଭିତର ଦେଇ ଗତି କରିଚାଲିଥିବା ବେଳେ ଆଗକୁ କ'ଣ ହେବ, ସେ ନେଇ କିଛି ସ୍ପଷ୍ଟଭାବେ କୁହାଯାଇପାରୁନାହିଁ । ଟିକାର ପରୀକ୍ଷଣ ନେଇ ଯେଉଁ 'ସାମୟିକ' ସମସ୍ୟା ଦେଖାଦେଇଛି, ତାହାକୁ ଅତିକ୍ରମ କରି କିଭଳି ଫଳପ୍ରଦ ଆରୋଗ୍ୟର ରାସ୍ତା ବାହାରିବ ସେଥିନେଇ ଚିକିତ୍ସା ବିଜ୍ଞାନୀମାନେ ଲାଗିପଡ଼ିଛନ୍ତି; ତାହାର ସୁଫଳକୁ ସମସ୍ତଙ୍କର ଅପେକ୍ଷା । ଛୋଟ ବଡ଼ ଜଟିଳ ତଥା ପ୍ରତିବନ୍ଧକକୁ ଅତିକ୍ରମ କରି ଟିକାର ବିକାଶ ହେବାପରେ ସମଗ୍ର ମାନବ ଜାତି ପାଇଁ ତାହା ଉପାଦେୟ ସାବ୍ୟସ୍ତ ହେବ ।




### ତୁମ ପ୍ରତୀକ୍ଷାରେ..

**ପ୍ରଶାନ୍ତ କୁମାର ନାଥ**

ଜହ୍ନବିଉଠିଛି ଫୁଲବି ଫୁଟିଛି
ଆକାଶେ ଉଠିଛି ତାରା
ହେଲେ ତୁମବିନା ଲାଗୁଅଛି ମୋତେ
ସବୁତ ଅଧା ଅଧୁରା ।

ମନେପଡେ ପ୍ରିୟାତୁମ ପ୍ରୀତିଛୁଆଁ
ତୁମେ ଛାଡିଗଲା ପରେ
ତୁମ ସେହି ସ୍ମୃତି ଘୁରିବୁଲେ ଆଜି
ହୃଦୟର ସ୍ପନ୍ଦନରେ ।

କେତେ ଯେ ସମୟ କାଟୁଥିଲେ ଦୁହେଁ
ଜହ୍ନ ଆଲୁଅରେ ବସି
ନିରୋଳା ଛାତରେ ବିନା ନିଦରେ ବି
ସ୍ୱପ୍ନ ଦେଖୁଥିଲେମିଶି ।

ଆମ ମିଳନରେ ରଜନୀଗନ୍ଧା ବି
ବାସ ତାର ଭରୁଥିଲା
ସୁଲୁସୁଲୁ ବାଆ ପ୍ରେମକୁ ଆମର
ମିଠାଛୁଆଁ ଦେଉଥିଲା ।

ତୁମେ ଗଲା ପରେ ସବୁରାତି ମୋର
ଛାତରେ ଯାଉଛି ପାହି
ଜହ୍ନବି ଉଠୁଛି ତୋଫା ଆକାଶରେ
ଉଜ୍ୱଳତା ଦିଶେ ନାହିଁ ।

ଫୁଲବି ଫୁଟୁଛି ନିଇତି ରାତିରେ
ବାସ୍ନା ଆଉଭରୁ ନାହିଁ
ମଳୟ ପବନ ଯେତେ ବହିଲେ ବି
ଶୀତଳତା ମିଳୁ ନାହିଁ ।

ରାତି ପରେ ରାତି ଯାଉଅଛି ବିତି
ଖାଲିତୁମ ପ୍ରତୀକ୍ଷାରେ
ସବୁରାତି ଦିନ ମୋ ପାଇଁ ସମାନ
ତୁମେ ଛାଡି ଗଲାପରେ ।


+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩


## ପ୍ଲାଜ୍ମାଥେରାପୀ ଠାରୁ ବଡଥେରାପୀ

**ଇଂ. ବିଦ୍ୟାଧର ପଣ୍ଡା**



(ପୂର୍ବପ୍ରକାଶିତ ଉତ୍ତାରୁ....)

'ପ୍ଲାଜ୍ମାଥେରାପୀ! ସେଇଟା କ'ଣ ଶତ ପ୍ରତିଶତ ସଫଳ କି! ହେଲେ ବି ତୁମେ କୋଉଠୁ ପାଇବ?' - 'ମୋ ଶଳା ଦେବ।' -'କୋଉ ଶଳା!' - 'ତୁମର ସାନଭାଇ ଝରିଆ, ମୋ ସାନଶଳା। ଯୋଉଟା ସୁରତରୁ ଆସିଥିଲା, କରୋନାରୁ ମାସେ ତଳେ ଉଠିଛି। ଏବେ ଯେଉଁଗୁଡା ବାହାରୁଛନ୍ତି ସେଗୁଡାଙ୍କ ଭିତରେ ମିଛ ରୋଗୀ ବେଶୀ। ସରକାରୀ ପାଣ୍ଠି ବିର୍ନବୟ କରିବାକୁ ମିଛଚିଠା କରି ହରିଲୁଟ୍ କରିବା କଥା। କିନ୍ତୁ ପ୍ରଥମେପ୍ରଥମେ ଯେଉଁମାନେ କରୋନା ପଜିଟିଭ୍ ବାହାରିଥିଲେ ସେମାନଙ୍କ ପ୍ଲାଜ୍ମା ନେଲେ ଭଲ। ଭିଣୋଇକୁ ଯଦି କରୋନା ହେଲା, ଶଳା ପ୍ଲାଜ୍ମା ଦେବନି ତ ଆଉ କ'ଣ ବାହାରଲୋକ ଦେବେ।'- 'ସେ ବାଜେ କଥା ଛାଡ। ପ୍ଲାଜ୍ମାଥେରାପୀ ପୁରା ସଫଳ ନୁହେଁ। ଆମ ଅଫିସରେ ଏକ ସେମିନାର୍ ହୋଇଥିଲା। ସେଥିରେ ଯାହାଯାହ ଆଲୋଚନା ହେଲା, ମୁଁ କହୁଛି ମନଧ୍ୟାନ ଦେଇ ଶୁଣ।'

କରୋନା କୁହ କି କୋଭିଡ୍-୧୯ କୁହ, ତା'ର ଚିକିତ୍ସା ପାଇଁ ଏବେ ଯେଉଁ ପ୍ଲାଜ୍ମାଥେରାପୀର ବହୁଳ ଭାବରେ ପ୍ରଚ୍ଚର ହେଲା ତାହା କିଛିନୂଆ ଚିକିତ୍ସା ପଦ୍ଧତି ଆଦୌ ନୁହେଁ। ଏହା କୋଉ ଆଦିମ ଯୁଗରୁ ଅଛି। ଏପର୍ଯ୍ୟନ୍ତ ବହୁତ ରୋଗପାଇଁ ଏହି ପଦ୍ଧତି ଆପଣାଯାଇଛି। ୧୯୧୮ ମସିହାରେ ପ୍ରଥମେ ସ୍ପେନ୍‌ରେ ସ୍ପାନିଶ୍ ଫ୍ଲୁ (H1N1)ର ଚିକିତ୍ସା ଏହି ପଦ୍ଧତିରେ ଆରମ୍ଭ ହୋଇଥିଲା। ୨୦୦୯ ପର୍ଯ୍ୟନ୍ତ ବହୁତ ଭାଇରସ୍, ଇନ୍‌ଫ୍ଲୁଏଂଜା ଓ ଅନେକ ଭୂତାଣୁଜନିତ ରୋଗର ଚିକିତ୍ସା ଏ ପଦ୍ଧତିଦ୍ୱାରା କରାଯାଇଛି। ୨୦୧୪ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(WHO) ଏହି ପଦ୍ଧତିକୁ ଇବୋଲାରୋଗୀଙ୍କୁ ଚିକିତ୍ସା କରିବାକୁ ଅନୁମତି ଦେଇଥିଲେ। ୨୦୧୫ମସିହାରେ ଆକ୍ୟୁ ଏବଂ ଶ୍ୱାସକ୍ରିୟାଜନିତ ରୋଗ (MERS)ର ବି ଏହି ପଦ୍ଧତିଦ୍ୱାରା ସଫଳ ଚିକିତ୍ସା କରାଯାଇ ଅନେକ ରୋଗୀଙ୍କୁ ଉପଶମ ମିଳିଥିଲା। ତେଣୁ ଯେଉଁ ବ୍ୟକ୍ତି ରୋଗକୁ ପରାସ୍ତ କରିଛି, ତା'ରକ୍ତରେ ସେହିରୋଗର ଭୁତାଣୁକୁ ମାରିବା ପାଇଁ ଆଂଟିବଡି ତିଆରି ହେବା ସ୍ୱାଭାବିକ୍। ରୋଗରେ ପିଡିତ ବ୍ୟକ୍ତି ନିରୋଗୀ ହେଲାପରେ ତା'ର ରକ୍ତ ସଂଗ୍ରହ କରି ବିଶେଷ ବୈଜ୍ଞାନିକ ପଦ୍ଧତିରେ ପ୍ଲାଜ୍ମା ପୃଥକ କରାଯାଇ ଏବେ ରକ୍ତଭଣ୍ଡାର ପରି ପ୍ଲାଜ୍ମା ଭଣ୍ଡାର କରି ରଖାଯାଉଛି। ଯେତେବେଳେ ଜଣଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡେ ସେତେବେଳେ ଏହି ପଦ୍ଧତିରେ ଚିକିତ୍ସା କରାଯାଇ ତା'ର ପ୍ରାଣରକ୍ଷା କରାଯାଇପାରେ। କିନ୍ତୁ ଏହା ଯଦିଓ ଦିଲ୍ଲୀ ଓ ମୁମ୍ବେଇରେ ଏକାଧିକ କ୍ଷେତ୍ରରେ ସଫଳ ହୋଇଛି ଏବଂ ଆମ ରାଜଧାନୀ ଭୁବନେଶ୍ୱରରେ ମଧ କୋଡିଏଟି ରୋଗୀଙ୍କ ଦେହରେ ସଫଳ ପରୀକ୍ଷଣ ହୋଇସାରିଲାଣି ତଥାପି ଏବେ ବି ଏହା ଉପରେ ଅନେକ ଅନୁସନ୍ଧାନ କାମ ବାକିଅଛି। ପ୍ଲାଜ୍ମା ପୃଥକ କଲାପରେ ବି ସେହିରୋଗୀର କିଛି ରୋଗ ଜୀବାଣୁର ପ୍ରଭାବ ପ୍ଲାଜ୍ମାଦ୍ୱାରା ଅନ୍ୟଶରୀରରେ ପ୍ରବେଶ କରିବାର ଆଶଙ୍କା ରହୁଛି। ଏସବୁ ଚିକିତ୍ସା ପୂର୍ବରୁ ହେପାଟିଟିସ୍ ବି ଏବଂ ସି ସହ ଏଚ୍ଆଇଭି ପରୀକ୍ଷା କରାଯିବା ମଧ ଅନିବାର୍ଯ୍ୟ। ଆମର ଏତେ କଥା କାହିଁକି? ତୁମକୁ କହିଲି ଯିବନି ମାନେ ଯିବନି। ସେ ବୀଣାକୁ କ'ଣ ନଦେଖିଲେ ରହିପାରୁନ! ବୁଢାଦିନେ ଏ ଗୁଣ ବାହରିବା ଆଦୌ ଶୁଭ ଲକ୍ଷଣ ନୁହଁ। ଟୀକା ବାହାରିଲା ପରେ ଯାହା କରୁଛ କର। ଏବେ କିନ୍ତୁ ନୁହେଁ। ସମସ୍ତ ବଡଲୋକଙ୍କ ବିଗଡା ଦଣ୍ଡାବାଲୁଙ୍ଗାମାନେ ବି ଜାଣିରଖିବା ଉଚିତ୍ ଯେ କରୋନା ଖତମ୍ ହୋଇନି। ସରକାର କେବଳ ଗୃହବନ୍ଦିକୁ ଖତମ୍ କରିଛନ୍ତି। ତେଣୁ ଅଯଥା ବୁଲାବୁଲି କରିବା କିମ୍ବା ମାସ୍କ ନପିନ୍ଧି ଭିଡ ଭିତରେ ପଶି ଫାଲତୁ ଯୁକ୍ତିକରିବା ଆଦୌ ଠିକ୍ ନୁହେଁ। କରୋନାରୋଗକୁ ଏବେ ଗୁରୁତ୍ୱ ଦେଇ ସତର୍କ ରହିବାର ଆବଶ୍ୟକତା ବେଶୀ ଅଛି। ପିତବାସବାବୁ ଭାବୁଥିଲେ ତାଙ୍କ ବ୍ୟାଙ୍କଖାତାରେ କୋଟିଏ ଉପରେ ଏବଂ ଝରଣାଙ୍କ ଖାତାରେ ପଚ୍ଚଶଲକ୍ଷ ଉପରେ ଟଙ୍କା ଗଚ୍ଛିତଅଛି। ସରକାର ସବୁ ମେଲାକଲେ ମାନେ ଇଏ ପୁରା ପଘାଖୋଲା ଷଣ୍ଢପରି ଛକ ବଜାର ଗ୍ଭରିଆଡେ ବୁଲିବେ। ଯଦି କିଛିହେଲା ଝରଣା ଯେମିତି ସେମିତି ପିତବାସବାବୁଙ୍କୁ ପ୍ଲାଜ୍ମାଥେରାପୀ ଚିକିତ୍ସା କରାଇ, ଦରକାର ହେଲେ ବିଦେଶନେଇକି ବି ବଂଚେଇବେ। ଶଙ୍ଖା ସିନ୍ଦୂର କଥା। କ'ଣ ଗେଲ ଲାଗିଛି? ବୁଢାବୁଢି ଦିନେ ଯୋଡି ନରହିଲେ କ'ଣ ପାହାନ୍ତା ପହରକୁ ନିଦହେବ! ଦଶ ପଚ୍ଚଶ ଲକ୍ଷ ଖର୍ଚ୍ଚ ହେଲେ ହେବ। ସେଥିରେ କିଛି କଥା ନାହିଁ। ଏମିତି କିଛିଲୋକ ବା ଯୁବକ ଯଦି ପଇସାବଳରେ ପ୍ଲାଜ୍ମାଥେରାପୀଆଦି ଚିକିତ୍ସା ଆଳରେ ଭାବୁଥାନ୍ତି କରୋନା ଆମର କିଛି କ୍ଷତି କରିପାରିବନି, ତେବେ ସେମାନେ ବହୁତ ବଡଭୁଲ୍ କରୁଛନ୍ତି। ଏହି ପ୍ଲାଜ୍ମାଥେରାପୀରେ ବି କୋଡିଏ ପଚିଶ ପ୍ରତିଶତ ବିଫଳତାର ସ୍ୱାଦଗ୍ଭଖିବାର ଉଦାହରଣ ଅଛି। ନହେଲେ ପଶ୍ଚିମବଙ୍ଗ ଓ ୟୁପିରେ ମନ୍ତ୍ରୀ ବିଧାୟକମାନେ କାହିଁକି ମରିଥାନ୍ତେ! ଆମେରିକା ଦୁଇଲକ୍ଷକୁ ବ୍ରାଜିଲ୍ ଲକ୍ଷ ପଚିଶହଜାର ନାଗରିକଙ୍କୁ ହରେଇଲେଣି। ଆମ ଭରତରେ ସତୁରିହଜାର ହେବ। ଏସବୁ ସରକାରୀ ହିସାବରେ, ଲୁଗ୍ଭଛପା ହିସାବ କଲେ ବିଶ୍ୱର ମୃତ୍ୟୁସଂଖ୍ୟା ୯ଲକ୍ଷ ନୁହେଁ, ଏହା ଅତିକମରେ ଦଶଗୁଣ ହେବ। ଚୈନା ପାକିସ୍ଥାନ ପରି ଅନେକ ଦେଶରେ ଗାତଖୋଳି ସମୂହ କବର ଦିଆଯାଉଛି। ଗଣିବାକୁ କିଏ ଅଛି! ଝରଣା ପିତବାସଙ୍କୁ ଏପରି ଭାଗବତ ଶୁଣେଇବା ପରେ ଯାଇ ସିଏ ତା'ଙ୍କ କଥା ମାନି ଘରେ ଯୋଗକରିବାକୁ ରାଜିହୋଇ କହିଲେ ଟୀକା ନବାହାରିବା ଯାଏଁ ମୋର ଆଜିଠାରୁ ଆମଘର ଏରୁଣ୍ଡିବନ୍ଧ ବି ଡେଇଁବା ବନ୍ଦ। ସେ ପ୍ଲାଜ୍ମାଥେରାପୀକୁ ଦୂରୁ ଜୁହାର। କରୋନା ଭୂତାଣୁପାଇଁ ସତର୍କତା, ସାମାଜିକ ଦୂରତା ସହ ଶୃଙ୍ଖଳା ହିଁ ପ୍ଲାଜ୍ମାଥେରାପୀଠାରୁ ବଡଥେରାପୀ। (ସମାପ୍ତ)


+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
bdpanda1@gmail.com


## ଅଳପ ଲୋକ ଅଧିକାର, କିମ୍ପାଇଁ ଦେଲ ଦାମୋଦର ?!

**ପଙ୍କଜ କୁମାର ପାଣିଗ୍ରାହୀ**

ଆମ ଦେଶର ପ୍ରାଚୀନ ସଂସ୍କୃତି, ଦର୍ଶନତତ୍ତ୍ୱ ଏବଂ ମାନବିକ ବିଗ୍ଭରଧାରା ଗୁଡିକ ଉପରେ ପର୍ଯ୍ୟବେସିତ ଅନେକ ଉପଦେଶାତ୍ମକ ତଥ୍ୟ ମାଧ୍ୟମରେ ଲୋକଙ୍କ ସଚେତନତା ପାଇଁ ବର୍ଣ୍ଣନା କରାଯାଇଥିବା ମହତ୍ୱପୂର୍ଣ୍ଣ ରୂଢ଼, ବାଣୀ ଗୁଡିକ କାଳ କାଳକୁ ଅକ୍ଷୁର୍ଣ୍ଣ ହୋଇ ରହିଛି, ରହିବ ! ସେଥିମଧ୍ୟରୁ ଉପରୋକ୍ତ ବାଣୀଟିର ମହତ୍ୱ ଉପରେ ଆଧାରିତ ଆଜିକା ସମୟର ପରିସ୍ଥିତି ଉପରେ ଦିଆଯାଇଥିବା ତଥ୍ୟ ସହିତ ଆପଣମାନଙ୍କ ସହମତି କେତେ ନିଜେ ବିଗ୍ଭର କରି ମତାମତ ଦେବେବୋଲି ଆଶା......

ଯିଏ ଯାହା ନୁହେଁ ତାକୁ ଯଦି ସେହି ସ୍ଥାନରେ କୌଣସି କାରଣ ବଶତଃ ବସାଇ ଦିଆଯାଏ ତାହେଲେ ସମ୍ପୃକ୍ତ ବ୍ୟକ୍ତି ନିଜର ଗ୍ଭରିତ୍ରିକ ବିଗ୍ଭରଧାରାକୁ ଚରିତାର୍ଥ କରିବା ପାଇଁ କୁଣ୍ଠା ବୋଧ କରୁନଥିବା ବେଳେ ନିର୍ଦ୍ଧାରିତ ସ୍ଥାନର ନିୟାମକ ଗୁଡିକୁ କେବଳ ପ୍ରଦର୍ଶନ ପୂର୍ବକ ସେହି ସ୍ଥାନର ଉପଯୁକ୍ତତାକୁ ହୃଦୟଙ୍ଗମ ନକରିପାରି ତାହାର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥାଏ ! ଅର୍ଥାତ କୌଣସି ଗଣ ସାମାଜିକ ସ୍ଥାନରେ ଅନୁପଯୁକ୍ତ ବ୍ୟକ୍ତିଙ୍କ ଅବସ୍ଥାନ ସମାଜକୁ ଭଙ୍ଗୁର କରିବା ଏକ ସ୍ୱାଭାବିକ କଥା ।

ଆଜିର ସାମାଜିକ ବ୍ୟବସ୍ଥା ପରିଗ୍ଭଳନା ଦାୟିତ୍ୱରେ ଥିବା ମଣିଷ ଗୁଡିକ ଅତୀବ ଅବାସ୍ତବ ଢଙ୍ଗରେ ନିୟୋଜିତ ହୋଇଥା'ନ୍ତି ଯାହା ସାଧାରଣ ମଣିଷ ମାନଙ୍କ ସ୍ମରଣିକା ବହିର୍ଭୁତ ! ପୁନଶ୍ଚ ସେମାନଙ୍କ ଚୟନ, ଅବସ୍ଥାପନ ଉପରେ ସାଧାରଣ ଲୋକଙ୍କ ନିୟନ୍ତ୍ରଣ ନଥାଇ ସେମାନଙ୍କୁ ସେହିମାନେହିଁ ପିଢ଼ିକୁ ପିଢ଼ି ନିୟୋଜିତ କରିଥାନ୍ତି ଯାହା ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ ! ଇତି ମଧ୍ୟରେ ସାମାଜିକ ପରିଗ୍ଭଳନା କ୍ଷମତା ଦିଆଯାଇଥିବା ମଣିଷ ଗୁଡିକ ନିଜକୁ ସୁହାଇଲା ଭଳି ଅନୁରୂପ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପନ କରି ନିଜ ନିୟନ୍ତ୍ରଣଭୁକ୍ତ କରି ସମଗ୍ର ସମାଜକୁ ପରିଗ୍ଭଳିତ କରୁଥିବା ହେତୁ ଏକ ରକମ ସାମାଜିକ ଉନ୍ନତି ପରିବର୍ତ୍ତେ ବ୍ୟାପକ ରସାତଳଗାମୀ ହେଉଥିବା ମଣିଷ ସମାଜ ଖୁବ କମ ଦିନ ମଧ୍ୟରେ ବିଲୁପ୍ତ ହୋଇଯିବା ସମ୍ଭାବନା ଦେଖାଦେଲାଣି । ଏମିତି ଯଦି ଆଉ କିଛି ବର୍ଷ ଗ୍ଭଲେ ତାହେଲେ ବିଭିନ୍ନ ପ୍ରତିକ୍ରିୟା ଜନିତ କେତେବେଳେ କ'ଣ ହେବ ଏବଂ ସମଗ୍ର ମଣିଷ ସମାଜକୁ ଗ୍ରାସ କରି ସମଗ୍ର ପୃଥିବୀ ମଣିଷ ଶୂନ୍ୟ ହୋଇଯିବ ତାହାର କୌଣସି ନିଶ୍ଚିତତା ନାହିଁ !

ଆଜିର ସମାଜରେ ନିୟୋଜିତ ବିଭିନ୍ନ କ୍ଷେତ୍ର ଗୁଡିକରେ ଦେଖିବାକୁ ମିଳୁଥିବା ମଣିଷ ଗୁଡିକ ମଧ୍ୟରେ କୌଣସି ବ୍ୟକ୍ତିଙ୍କ ନିଜସ୍ୱ ସୃଜନଶୀଳତା ଥିବା ଦେଖିବାକୁ ମିଳିବ ନାହିଁ ! ସ୍ୱତଃ ସୃଜନଶୀଳତା, ମାନବିକ ଅବଚେତନାରୁ ବହିର୍ଭୁତ ବିଭିନ୍ନ ପରୋକ୍ଷ ଶିକ୍ଷା, ଜ୍ଞାନ, ଶକ୍ତି ଏବଂ ଅଭିଜ୍ଞତା ଉପରେ ପର୍ଯ୍ୟବେସିତ ମଣିଷ ମାନଙ୍କୁ ଏକ ପ୍ରକାର କଣ୍ଢେଇ ଭଳି କୌଣସି ଗୋଟିଏ ସ୍ଥାନରେ ଅବସ୍ଥାପିତ କରି ସମାଜକୁ ପରିଗ୍ଭଳନା ଦାଇତ୍ୱ ଦିଆଗଲେ ଯାହା ହେବାକଥା ଆମେ ସମସ୍ତେ ଦେଖୁଛେ ! ବିଭିନ୍ନ ଆସନରେ ଅବସ୍ଥାପିତ ମଣିଷ ଗୁଡିକ କେବଳ ପରୋକ୍ଷ ଅଭିଜ୍ଞତା ବ୍ୟତୀତ ନିଜସ୍ୱ ମାନବିକ ବିଗ୍ଭରଧାରାରେ ସମାଜ ଚଳାଉଥିବା କେବଳ ସ୍ୱପ୍ନ ମାଧ୍ୟମରେ ଦେଖିବାହିଁ ସମ୍ଭବ ଆଜି ସମୟରେ !

ସାମାଜିକ ପରିଗ୍ଭଳନା ଦାୟିତ୍ୱରେ ଥିବା ବିଭିନ୍ନ କ୍ଷେତ୍ରଗୁଡିକ ମଧ୍ୟରୁ ପ୍ରଥମେ ଜନପ୍ରତିନିଧି ବଛାଯାଇଥାଏ ଯେଉଁମାନେ ବାହୁବଳୀ, ଧନଶାଳୀ, ପ୍ରବଚକ ତଥା ବିଭିନ୍ନ ମିଥ୍ୟା କଥା କହି ସାଧାରଣ ଜନତାଙ୍କୁ ମୋହିତ କରିପାରିଥାନ୍ତି କିମ୍ବା ଯାହାର କୌଣସି ନିଜସ୍ୱ ବୋଲି କିଛି ନାହିଁ ବା ଅଧିପତିଙ୍କ ନିର୍ଦ୍ଦେଶରେ ପରିଗ୍ଭଳିତ ହୋଇପାରିବେ, ସେମାନଙ୍କୁ ବିଭିନ୍ନ ଜନପ୍ରତିନିଧି ଭାବେ ଚୟନ କରାଯାଇଥାଏ ! ଦ୍ୱିତୀୟତଃ ପ୍ରଶାସନିକ ବ୍ୟବସ୍ଥାରେ ତଳୁ ଉପର ପର୍ଯ୍ୟନ୍ତ ଯେଉଁସବୁ ମଣିଷ ମାନଙ୍କୁ ଭିନ୍ନ ଭିନ୍ନ ସାମାଜିକ ଦାଇତ୍ୱ ଦିଆଯାଇଥାଏ ସେମାନଙ୍କୁ କେବଳ ପ୍ରମାଣପତ୍ରର କାଗଜ ଖଣ୍ଡଟିଏ ଦ୍ୱାରା ଚୟନ କରାଯାଇଥାଏ ଯେଉଁଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସର୍ବାଧିକ ସଂଖ୍ୟା ଥାଏ ! ଅର୍ଥାତ ଏତେବଡ଼ ବିଶାଳ କ୍ଷେତ୍ରର ଅଧିକାରୀ ଭାବେ ନିୟୋଜିତ ସାମାଜିକ ପରିଗ୍ଭଳନା ଦାୟିତ୍ୱରେ ଥିବା ଗୋଟିଏ ମଣିଷର ମାନବିକତା, ଚରିତ୍ରବତ୍ତା କିମ୍ବା ସୃଜନଶୀଳତା ଉପରେ କୌଣସି ଗୁରୁତ୍ୱ ଦିଆନଯାଇ କେବଳ ବହିରୁ ପଢି ଘୋଷି ପରୀକ୍ଷରେ ଲେଖି ଭଲ ନମ୍ବର ଆଣିପାରିଲେ ସେହିଁ ସମାଜ ଚଳାଇବାରେ ଧୁରନ୍ଧର ବୋଲି ବିବେଚନା କରାଯାଇଥାଏ ! ଇତିମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ତାହାର ଜିନଗତ ଚରିତ୍ର ତଥା ବ୍ୟକ୍ତିଗତ ବିଗ୍ଭରଧାରା ଅନୁଯାଇ ଯାହା କରେ ତାହାହିଁ ସମଗ୍ର ମଣିଷ ସମାଜ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି ! ପ୍ରାୟତଃ ସ୍ୱେଚ୍ଛାଗ୍ଭରିତା ମନୋବୃତ୍ତିରେ ସେମାନେ କାର୍ଯ୍ୟ ନିର୍ବାହ କରୁଥିବା ହେତୁ ସାମାଜିକ ବିପର୍ଯ୍ୟର ଭୟାବହତା ଚତୁର୍ଦ୍ଦିଗରେ ରହିଥିବା କେହି ଅସ୍ୱୀକାର କରିପାରିବେ ନାହିଁ ! ତୃତୀୟତଃ ସାମାଜିକ ନ୍ୟାୟିକ ବ୍ୟବସ୍ଥାରେ ଅବସ୍ଥାପିତ ମଣିଷ ଗୁଡିକ ସୃଜନଶୀଳତାତ ଦୂରର କଥା, ନ୍ୟାୟସଙ୍ଗତ ଆଇନ କାନୁନ ଉପରେ ବିଚକ୍ଷଣ ନଥିବା ବେଳେ ସବୁ ସମୟରେ ପୋଥିଗତ ଲିପି ଏବଂ ପାରିପାର୍ଶ୍ୱିକ ପ୍ରଭାବକୁ ଆଖି ଆଗରେ ରଖି ବିଗ୍ଭର କରୁଥିବା ହେତୁ ସାମାଜିକ ବ୍ୟବସ୍ଥାରେ ଘଟୁଥିବା ଦୁର୍ଘଟଣା ଗୁଡିକ ଉପରେ ସଠିକ ନ୍ୟାୟ ମିଳିପାରୁନଥିବା ଆମ ଦେହସୁହା ହୋଇ ଗଲାଣି । ନ୍ୟାୟିକ ବ୍ୟାବସ୍ଥରେ ଅବସ୍ଥାପିତ ମଣିଷ ଗୁଡିକୁ ମଧ ଅନୁରୂପ ପ୍ରଣାଳୀରେ ଚୟନ କରାଯାଉଥିବା ଏକ ସାଙ୍ଘାତିକ ଅମାନବୀୟ ପରିସ୍ଥିତି ଯାହା କେବଳ ସମାଜର ଜ୍ଞାନୀ, ସୃଜନଶୀଳ ଓ ଗ୍ଭରିତ୍ରିକ ଲୋକଙ୍କୁ ଧାର୍ଯ୍ୟ ହେବା କଥା ! କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ସେମାନଙ୍କୁ ମଧ ଚୟନ କଲାବେଳେ କେବଳ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରରେ ହିଁ ବଛାଯାଇଥାଏ ! ଏତଦ୍ ବ୍ୟତୀତ ବାକି ସବୁ ମଣିଷ ଯାହାଙ୍କ ଉପରେ ସମଗ୍ର ମଣିଷ ସମାଜ ଆସ୍ଥା ରଖିଥାନ୍ତି ଯେ ସେମାନେ ସମାଜରେ ଘଟୁଥିବା ଘଟଣା ସମୂହ ସାର୍ବଜନୀନ କରି ତଥ୍ୟ ଭିତ୍ତିକ ଖବର ପ୍ରଦାନ କରିବେ ବୋଲି ସେମାନଙ୍କୁ ସମାଜ ଅବସ୍ଥାପିତ କରିନଥିବା ବେଳେ ସେମାନେ ନିଜକୁ ସ୍ୱତଃପ୍ରବୃତ ସାମାଜିକ କର୍ମୀ ବୋଲି କହି ସମ୍ପୂର୍ଣ୍ଣ ସ୍ୱାର୍ଥବାଦୀ କାର୍ଯ୍ୟରେ ଲିପ୍ତ ରହି କେବଳ ସାମାଜିକ କର୍ମୀ ମାନଙ୍କ ଗ୍ଭଟୁକାରିତା କରୁଥିବା ଏବଂ ଭ୍ରାଂକର ତଥ୍ୟ ପ୍ରଦାନ କରି ସାଧାରଣ ମଣିଷ ମାନଙ୍କୁ ବିଚଳିତ କରୁଥିବା ଅତ୍ୟନ୍ତ କ୍ଷୋଭର ବିଷୟ ! ସମାଜସେବୀ ତଥା ସଂସ୍କାରକ ବୋଲି କହୁଥିବା ବିଭିନ୍ନ ମହଲର ମଣିଷ ଗୁଡିକ ମଧ କେବଳ ମିଥ୍ୟା, ଭ୍ରାନ୍ତି ତଥା ଶଡଯାନ୍ତ୍ର କରି ନିରୀହ ନିର୍ବୋଧ ମଣିଷ ମାନଙ୍କୁ ତଳିତଳାନ୍ତ କରୁଥିବା ସେମାନେ ପ୍ରତ୍ୟକ୍ଷରେ ଅନୁଭବ କରିନପାରି ସେମାନଙ୍କ ଶରଣାସିକ୍ତ ହୋଇଥାନ୍ତି । ସମ୍ପୃକ୍ତ ମଣିଷ ଗୁଡିକ ବ୍ୟବସାୟିକ ଭିତ୍ତିରେ ସେମାନଙ୍କ ସମ୍ବେଦନଶୀଳ ଚିଂାଧାରାକୁ କୁଠାରଘାତ କରି ଅଜସ୍ର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଛନ୍ତି ଯାହା ଅକ୍ଷମଣୀୟ ! ହେଲେ ସେମାନଙ୍କୁ ଦଣ୍ଡ ଦେବ କିଏ ? ପ୍ରତିବାଦ କରିବ କିଏ ? ସମସ୍ତେ ଅନ୍ଧ ନିଜ ନିଜ ସ୍ୱାର୍ଥରେ ! ପ୍ରତିବାଦ କଲେ କେବଳ ଦେଶଦ୍ରୋହୀ ଛଡା ଆଉ କିଛି ଉପାଖ୍ୟାନ ମିଳିବ ନାହିଁ !! ଅନୁରୂପ ପ୍ରତ୍ୟେକ ସ୍ଥାନରେ ଅବସ୍ଥାପିତ ସମସ୍ତ ମଣିଷ କେବଳ ନିଜର ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ହେତୁ ଉନ୍ନତିର କୁହେଳିକା ସୃଷ୍ଟି ହୋଇ ସମସ୍ତ ସାଧାରଣ ମଣିଷ ନିଜର ସୃଜନଶୀଳ ବିଗ୍ଭରଧାରା ସୃଷ୍ଟି କରିବାରେ ଅକ୍ଷମ, ମରୀଚିକା ପଛରେ ଧାଇଁ ଧାଇଁ ଦୁର୍ଲ୍ଲଭ ମଣିଷ ଜୀବନଟିକୁ କେବଳ ଅପ୍ରାକୃତିକ ଭାବେ ଉପଭୋଗ କରୁଥିବା ସେମାନେ ନିଜେ ମଧ ଜାଣି ପାରୁନାହାନ୍ତି !


ଶିକ୍ଷା ମଣିଷକୁ ଅନ୍ୟ କାହାଦ୍ୱାରା ଆବିଷ୍କୃତ, ଉଦ୍ଭାବିତ ଉତ୍ସ ଉପରେ କିଞ୍ଚିତ ଜ୍ଞାନ କୌଶଳ ପ୍ରଦାନ କରି ସୀମିତ କ୍ଷେତ୍ରରେ ପାରଦର୍ଶୀ କରାଇବାରେ ସକ୍ଷମ ଥିବାବେଳେ ମାନବିକତା, ସୃଜନଶୀଳତା, ଚରିତ୍ରବତ୍ତା, ସାମାଜିକ ମୂଲ୍ୟବୋଧତା ଇତ୍ୟାଦି କେବଳ ମଣିଷର ଜନ୍ମଗତ ତଥା ପ୍ରାକୃତିକ ଗୁଣ, ଧର୍ମ ହୋଇଥାଏ । ତେଣୁ କେବଳ କୌଣସି ପ୍ରଯୁକ୍ତି ବିଦ୍ୟା ଜନିତ କାର୍ଯ୍ୟରେ ପାରଦର୍ଶୀତାର ଆବଶ୍ୟକତା ଅଧିକ ଥିବାବେଳେ ସାମାଜିକ ପରିଗ୍ଭଳନା ପାଇଁ ସେହିସବୁ ପ୍ରାକୃତିକ ଗୁଣ, ଧର୍ମ ରହିତ ଶିକ୍ଷିତ ମଣିଷ ସମାଜକୁ ଅଗ୍ରଗାମୀ କରିବା ବିପରୀତେ ରସାତଳଗାମୀ କରିବାରେ ଅଧିକ ସହାୟକ ହେଉଥିବା ଲକ୍ଷକଲେ ଜାଣିହେବ । ତେଣୁ ଅବିଳମ୍ବେ ସେହିସବୁ ସାମାଜିକ ପରିଗ୍ଭଳନା ଦାୟିତ୍ୱରେ ନିୟୋଜିତ କରାଯାଉଥିବା ମଣିଷ ଗୁଡିକୁ କଠୋର ନିୟାମକ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେବଳ ଶିକ୍ଷା ଉପରେ ପ୍ରାଧାନ୍ୟତା ଦିଆନଯାଇ ଉପଯୁକ୍ତ ଗ୍ଭରିତ୍ରିକ ମାନବବାଦୀ ବିଗ୍ଭରଶୀଳ ମଣିଷ ମାନଙ୍କୁ କେବଳ ଚୟନ କରାନଗଲେ ଆମର ଜ୍ଞାତ ବହିର୍ଭୁତ କେତେଯେ କ୍ଷେତ୍ର, କୋଣରୁ ଅମାପ କ୍ଷତି ଘଟି ସମାଜ ତଳି ତଳାନ୍ତ ହେବାକୁ ଲାଗିଛି ଏବଂ ଆସନ୍ତା ଭବିଷ୍ୟତ ଅନ୍ଧକାର ମୟ ହୋଇଯିବ ସେଥିରେ ତିଳେହେଲେ ଦ୍ୱିଧା ନାହିଁ ! ଏହିସବୁ କରିବାକୁ ହେଲେ ସାଧାରଣ ମଣିଷ ନିଜ ସ୍ୱାର୍ଥତ୍ୟାଗ କରି ଏକ ବିଶାଳ ଜନ ଆନ୍ଦୋଳନ ପୂର୍ବକ ସାମ୍ବିଧାନିକ ପରିବର୍ତ୍ତନ ପାଇଁ ଅଗ୍ରସର ନହେଲେ ସେହିଭଳି ନୀତିହୀନ ଅଳପ ଲୋକଙ୍କୁ ଅଧିକାର ଦେଇ ଆମ ସାମାଜିକ ବ୍ୟବସ୍ଥାର ଭବିଷ୍ୟତ ଯାହା ହେବ ସମସ୍ତଙ୍କୁ ଭୋଗିବାକୁ ପଡିବ ବୋଲି ଆମର ବିଗ୍ଭରଧାରା ସହିତ ଆପଣଙ୍କ ମତାମତ ଅପେକ୍ଷାରେ.......!

ଧନ୍ୟବାଦ ।


+ ସୋସିଆଲ ଫୋରମ (ଭାରତ)
ରଈ / ଈଙ୍ଗସସ୍ପସ୍ପରକ୍ସ :
ଝକ୍ଟମସବକ୍ଷଲକ୍ଟକ୍ସଙ୍କଞ୍ଝ ଓଭୟସବ
ଛତ୍ରପୁର, ଗଂଜାମ.
ଦୁରଭାଷ-୯୪୩୭୩୨୪୯୧୭.



ଚୀନର ଉହାନ ସହରରୁ ବ୍ୟାପିଥିବା କରୋନା ଭାଇରସ୍ ଏବେ ବିଶ୍ୱର ୧୮୨ ଦେଶରେ ଆତଙ୍କ ଖେଳାଇ ଦେଇଛି । ଏହି ଭାଇରସ୍ ଏବେ ସୁଦ୍ଧା ୨.୫ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କଲେଣି । ଭାରତରେ ଏହି ଭାଇରସରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଛୁଇଁଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଛନ୍ତି । ଏହି ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ଏ ପର୍ଯ୍ୟନ୍ତ କୌଣସି ଫଳପ୍ରଦ ମେଡିସିନ୍ ବାହାରି ନଥିବା ବେଳେ କେବଳ ପ୍ରତିଷେଧକ ବ୍ୟବସ୍ଥା । ସ୍ୱରୂପ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ନିଜକୁ ପରିଷ୍କାର ରଖିବା ସହ ଅ । ଖ ପ । ଖ ପରିବେଶକୁ ସ୍ୱଚ୍ଛ ରଖିବା ଓ ହାଇଜେନିକ୍ ଖାଦ୍ୟପେୟ ଗ୍ରହଣ କରିବା ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି । କରୋନା ଏପରି ଏକ ଭାଇରସ୍ ଯାହା ଯେକୌଣସି ବି ଜିନିଷରେ କେଇ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ । ଏହି ସମୟ ମଧ୍ୟରେ ଯଦି କେହି ସେହି ଜିନିଷକୁ ସ୍ପର୍ଶ କରିଥାଏ ତେବେ ସେ ଏହି କବଳକୁ ଆସିଯାଇପାରେ । କାଗଜ ଟଙ୍କା ଓ ମୁଦ୍ରା ଏପରି ଜିନିଷ ଯାହା ସବୁଠୁ ଅଧିକ ମାତ୍ରାରେ ଉପଯୋଗ ହୋଇଥାଏ । ଏହାକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏ ପର୍ଯ୍ୟନ୍ତ କୌଣସି ଉପାୟ କରିପାରି ନାହିଁ । ଏପରି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରେ ଏବେ ରିଜର୍ଭ ବ୍ୟାଙ୍କ ବିଜ୍ଞପ୍ତି ଜାରି କରି ଲୋକଙ୍କୁ ଅନଲାଇନ୍ ଓ କ୍ୟାସଲେସ ପେମେଣ୍ଟ ପାଇଁ ପରାମର୍ଶ ଦେଇଛନ୍ତି ।



# ନୋଟ୍‌ରେ କରୋନା ସଂକ୍ରମଣ

**ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱ:**
ରିଜର୍ଭ ବ୍ୟାଙ୍କ ନୋଟିଫିକେସନ୍ ଜାରି କରି ସୋସିଆଲ କଣ୍ଟାକ୍ଟ କମ୍ କରିବା ପାଇଁ ଜନତାଙ୍କୁ ନୋଟ୍ ପରିବର୍ତ୍ତେ ଡିଜିଟାଲ ପେମେଣ୍ଟ କରିବାକୁ ପରାମର୍ଶ ଦେଇଛନ୍ତି । ଆରବିଆଇ ପକ୍ଷରୁ କୁହାଯାଇଛି, ପେମେଣ୍ଟ ଲାଗି ଲୋକମାନେ ନିଜ ସାଧ ମୁତାବକ ମୋବାଇଲ୍ ବ୍ୟାଙ୍କିଙ୍ଗ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, କାର୍ଡ ଇତ୍ୟାଦି ଡିଜିଟାଲ୍ ପେମେଣ୍ଟ ମୋଡର ଉପଯୋଗ କରନ୍ତୁ । ସେହିପରି ବିଲ୍ ପେମେଣ୍ଟ ଲାଗି କିମ୍ବା ପଇସା କାଢ଼ିବା ଲାଗି ଜନଗହଳି ସ୍ଥାନରୁ ଦୂରେଇ ରହିବା ଉଚିତ । ଆରବିଆଇ ଆହୁରି କହିଛି ଏବେ ଡିଜିଟାଲ୍ ପେମେଣ୍ଟର ବିକଳ୍ପ ଭାବରେ ଏନଇଏଫ୍ଟି, ଆଇଏମପିଏସ୍, ୟୁପିଆଇ, ବିବିପିଏସ୍ ପରି ଫଣ୍ଡ ଟ୍ରାନ୍ସଫର ବ୍ୟବସ୍ଥା ୨୪ ଘଣ୍ଟା ପ୍ରଦାନ କରାଯିବ ।

**ଗୋଟିଏ ନୋଟ୍‌ରେ ୨୬ ହଜାର ବ୍ୟାକ୍ଟେରିଆ:**
ଅକ୍ସଫୋର୍ଡ ୟୁନିଭରସିଟିରେ ୨୦୧୨ରେ କାଗଜ ନୋଟ୍ ଉପରେ ହୋଇଥିବା ଗବେଷଣାରୁ ଏହା ସାମ୍ନାକୁ ଆସିଥିଲା ଯେ, ଗୋଟିଏ କାଗଜ ନୋଟରେ ପ୍ରାୟ ୨୬ ହଜାର ବ୍ୟାକ୍ଟେରିଆ ରହିଥାନ୍ତି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇପାରେ । କରୋନା ଭାଇରସ୍ ମଧ୍ୟ କାଗଜ ନୋଟ୍ ମାଧ୍ୟମରେ ଦ୍ରୁତ ଗତିରେ ବ୍ୟାପିପାରେ କାରଣ ଏହା ଅଧିକ ସର୍କୁଲେଟ୍ ହୋଇଥାଏ । ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ଫାର୍ମାସୀ ବିଭାଗ ସହଯୋଗୀ ପ୍ରଫେସର ଡା. ଅନୁରାଗ ଖଟକଡ଼ ମଧ କାଗଜ ନୋଟ୍‌ରେର ଥିବା ବ୍ୟାକ୍ଟେରିଆ ଠାରୁ ରକ୍ଷା ପାଇବା ପାଇଁ ଗବେଷଣା କରିଛନ୍ତି ଯାହାର ରିପୋର୍ଟ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିକୁ ପଠାଯାଇଛି । ସେ କହିଛନ୍ତି ତୁରନ୍ତ ସରକାର କାଗଜ ନୋଟ୍‌କୁ ସାନିଟାଇଜ୍ ବ୍ୟବସ୍ଥା କରିବା ଉଚିତ ।

> ପରସ୍ପର ସହ ହାତ ମିଳାଇବା, ଆଲିଙ୍ଗନ କରିବା ଦ୍ୱାରା କରୋନା ବ୍ୟାପିବାର ସମ୍ଭାବନା ଥିବାରୁ ଏବେ ବିଦେଶରେ ଲୋକମାନେ ସେମାନଙ୍କ ଅଭିବାଦନ କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି ।


**ଚୀନ୍‌ରେ ନୋଟକୁ ସାନିଟାଇଜ୍ କରାଯାଇଛି:**
ଡା. ଅନୁରାଗ କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ସ୍ୱୀକାର କରିଛି ଯେ, କାଗଜ ନୋଟ୍‌ରେ ସଂକ୍ରମଣ ଅଧିକ ବ୍ୟାପିଥାଏ । କରୋନା ଭାଇରସ୍ ବ୍ୟାପିବା ପରେ ଚୀନ୍ ମଧ କାଗଜ ନୋଟ୍‌କୁ ସାନିଟାଇଜ୍ କରିଛି । ଅନ୍ୟ ଦେଶମାନେ ମଧ ଏହା ଉପରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଭାରତରେ ଏହି




ବିଷୟକୁ ଗମ୍ଭୀରତାର ସହ ନିଆଯାଇନାହିଁ । ସେ କହିଛନ୍ତି ଅଲଟ୍ରାଭାଓଲେଟ୍ ଲାଇଟ୍, ଡିସ୍ ଇନଫିକ୍ଟେଟ୍ ସାହାଯ୍ୟରେ ନୋଟ୍‌କୁ ସାନିଟାଇଜ୍ କରାଯାଇପାରିବ । ଏହା ସହ ନୋଟ୍‌କୁ ସାନିଟାଇଜ୍ କରି ୭ରୁ ୧୪ ଦିନ ପର୍ଯ୍ୟନ୍ତ ଷ୍ଟୋର କରିବାକୁ ସେ କହିଛନ୍ତି । ଏହା ଦ୍ୱାରା ସଂକ୍ରମଣ ବ୍ୟାପିବ ନାହିଁ ବୋଲି କୁହାଯାଇଛି ।

**ଡେବିଟ୍, କ୍ରେଡିଟ୍ କାର୍ଡ ବି ସୁରକ୍ଷିତ ନୁହେଁ:**
ଡେବିଟ୍ ଓ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଲୋକମାନେ ମଧ ସାବଧାନ ରହିବା ଉଚିତ । କାରଣ ଏହି ପ୍ଲାଷ୍ଟିକ୍ କାର୍ଡ ଉପରେ କରୋନା ଭାଇରସ୍ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ । ମେସିନରେ ଏହାର ବ୍ୟବହାର ସମୟରେ ଆପଣଙ୍କ କାର୍ଡରେ ମଧ ଏହି ଭାଇରସ୍ ଆସିଯାଇପାରେ । ଏଣୁ ଏହାର ବ୍ୟବହାର କମ୍ କରନ୍ତୁ ଓ ବ୍ୟବହାର ପରେ ହାତକୁ ଭଲ ଭାବେ ସାନିଟାଇଜ୍ କରନ୍ତୁ । ସେହିପରି ଏଟିଏମ୍ ମେସିନରେ ମଧ ସଂକ୍ରମଣର ଆଶଙ୍କା ରହିଛି ।

**ପଲିମର ନୋଟ୍:**
ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡ଼ା ଆଦି ଦେଶରେ ପ୍ଲାଷ୍ଟିକ ନୋଟ୍ ବଦଳରେ ପଲିମର ନୋଟ୍ ପ୍ରଚଳନ ହେଉଛି । ପ୍ଲାଷ୍ଟିକ୍ ମାଧ୍ୟମରେ ସଂକ୍ରମଣ ବ୍ୟାପିବାର ଅଧିକ ସମ୍ଭାବନା ଥିବା ବେଳେ ପଲିମର୍ ସଂକ୍ରମଣ ରୋଧି ହୋଇଥାଏ । ଭାରତରେ ପଲିମର୍ ନୋଟ୍ ପ୍ରସ୍ତୁତି ପାଇଁ କନଫେଡେରସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର (ସିଏଆଇଟି) ପକ୍ଷରୁ ପରାମର୍ଶ ଦିଆଯାଇଛି ।



**ସାଇନ୍ସ ପତ୍ରିକାର ତଥ୍ୟ:**
ନୋଟ୍‌ରୁ ରୋଗ ସଂକ୍ରମଣ ନେଇ ବହୁ ପୂର୍ବରୁ ବିଭିନ୍ନ ସାଇନ୍ସ ପତ୍ରିକାରେ ତଥ୍ୟ ପ୍ରକାଶ ପାଇଛି । ୨୦୧୬ରେ କରେଣ୍ଟ୍ ମାଇକ୍ରୋଲୋଜି ଆଣ୍ଡ ଆପ୍ଲାଏଡ୍ ସାଇନ୍ସେସ୍‌ରେ ଏ ସଂପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ, ତାମିଲନାଡୁର ତିରୁନେଲଭେଲି ମେଡିକାଲ୍ କଲେଜର ମାଇକ୍ରୋବାଓଲଜି ବିଭାଗରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଥିଲା ଯେ, ବିଶ୍ୱରେ ପ୍ରଚଳିତ ୧୨୦ ମୁଦ୍ରା ମଧ୍ୟରୁ ୮୬.୪ ପ୍ରତିଶତ ନୋଟ୍ ବ୍ୟାକ୍ଟେରିଆ ସଂକ୍ରମତ । ଏହିସବୁ ନୋଟ୍ ବିଭିନ୍ନ ସୋର୍ସରୁ ସଂଗ୍ରହ କରାଯାଇଥିଲା । ଯେପରିକି ବ୍ୟାଙ୍କ, ଡାକ୍ତର, ମାର୍କେଟ୍, କଂସେଇ ଖାନା, ଛାତ୍ରଛାତ୍ରୀ, ଗୃହିଣୀ ଆଦିଙ୍କ ଠାରୁ ଏହି ନୋଟ୍ ସବୁ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା ।

# ଇନଡୋର୍ ଗଛର ଦାମ୍ ୪ ଲକ୍ଷ



ଶିରୋନାମାଟି ପଢ଼ି ବିସ୍ମିତ ଲାଗୁଛି କି? ପ୍ରକୃତରେ ଏହା ସତ୍ୟ । ନ୍ୟୁଜିଲାଣ୍ଡରେ ୪ଟି ପତ୍ର ଥିବା ଗୋଟିଏ ଛୋଟ ଇନ୍‌ଡୋର ଗଛ ୪ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ଏହା ବିରଳ ରାଫିଡୋଫୋରା ଟେଟ୍ରାସ୍ପାର୍ମା ପ୍ରଜାତିର ଗଛ । ଏହା ମଧ୍ୟ ଫିଲୋଡେନ୍‌ଡ୍ରୋନ୍ ମିନିମା ଭାବେ ପରିଚିତ । ଏହାର ୪ଟି ଯାକ ପତ୍ରରେ ସବୁଜ ରଙ୍ଗ ସହ ହଳଦୀ ରଙ୍ଗ ମିଶିକରି ରହିଛି । ଏଭଳି ଅଦ୍ଭୁତ ରଙ୍ଗ ପାଇଁ ନ୍ୟୁଜିଲାଣ୍ଡର ସବୁଠୁ ବଡ଼ ଟ୍ରେଡିଂ ୱେବସାଇଟ୍ 'ଟ୍ରେଡ୍ ମି'ରେ ନିକଟରେ ଏହାକୁ ନେଇ ଏକ ନିଲାମ ଡକାଯାଇଥିଲା । ଜଣେ ଲୋକ ଭାରତୀୟ ମୁଦ୍ରାରେ ୪ଲକ୍ଷ ଟଙ୍କା ଦେଇ ତାକୁ କିଣିଥିଲେ । ଏ ସଂପର୍କରେ ଏହାକୁ ବିକ୍ରି କରିଥିବା ଲୋକ ଜଣକ ଲେଖିଥିଲେ, 'ଏଭଳି ଇନ୍‌ଡୋର୍ ଗଛ ବିରଳ । ସଂଗ୍ରାହକ ଏବଂ ଉଦ୍ୟାନକୃଷିବିତ୍‌ଙ୍କ ନିକଟରେ ଏହାର ଖୁବ୍ ଚାହିଦା ରହିଛି । ୧୪ ସେଣ୍ଟିମିଟରର ଏକ କୁଣ୍ଡରେ ଏହାକୁ ଲଗାଯାଇଥାଏ । ଖୁବ୍ ଧୀରେ ଧୀରେ ଏହା ବଡ଼ ହୋଇଥାଏ । ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆରେ ଏହାର ଚାହିଦା ରହିଛି । 'ସେହିପରି ଏହାକୁ କିଣିଥିବା ବ୍ୟକ୍ତି କହିଛନ୍ତି, 'ମୁଁ ଆମର ଏକ ବଗିଚା ପାଇଁ ଏହାକୁ କିଣିଛି । ମୁଁ ଏବଂ ମୋର ୩ ଜଣ ବନ୍ଧୁ ସେହି ବଗିଚା କରିବାକୁ ଲକ୍ଷ ରଖିଛୁ । ସେହି ବଗିଚାରେ ବିଭିନ୍ନ ପ୍ରକାର ପକ୍ଷୀ ଓ ପ୍ରଜାପତି ବି ରହିବେ । ମଝିରେ ଏକ ରେଷ୍ଟୋରାଁ ରହିବ । ସେଠାରେ ଦେଶରେ ମିଳୁଥିବା ସବୁ ପ୍ରକାର ବିରଳ ପ୍ରଜାତିର ଗଛ ଦେଖିବାକୁ ମୋର ଲକ୍ଷ୍ୟ ରହିଛି । ଏପରି ଉଦ୍ୟମ ଦେଶରେ ପ୍ରଥମ ହେବ ।'

# ୧୨୦୦ ପେନ୍‌ସିଲ୍‌ରେ ଗିଟାର

ରଙ୍ଗୀନ୍ ପେନ୍‌ସିଲ୍‌ରେ ଗିଟାର ନିର୍ମାଣ ବିଷୟରେ ଶୁଣିଛନ୍ତି? ବର୍ଲସ ଆର୍ଟ ନାମକ ଏକ ୟୁଟ୍ୟୁବ୍ ପେଜ୍‌ରେ ଏହି ପେନ୍‌ସିଲ ଗିଟାର୍‌ର ଏକ ଭିଡିଓ ଗତ ଏପ୍ରିଲ ମାସରେ ପୋଷ୍ଟ କରାଯାଇଥିଲା । ଏବେ ତାହା ଇଣ୍ଟରନେଟ୍ ଜଗତରେ ମୁଖ୍ୟ ଆକର୍ଷଣ ହୋଇଛି । ବିଭିନ୍ନ ରଙ୍ଗର ପେନ୍‌ସିଲ ସାହାଯ୍ୟରେ କିଭଳି ଭାବେ ଗିଟାର ପ୍ରସ୍ତୁତ ହୋଇଛି, ତା'ର ପୂରା ପ୍ରକ୍ରିୟା ଏଥିରେ ଦର୍ଶାଯାଇଛି । ୩ ମିନିଟ୍ ୧୯ ସେକେଣ୍ଡର ଏହି ଭିଡିଓକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ଗିଟାର ନିର୍ମାଣ କରିବା ପାଇଁ କଳାକାର ଜଣକ ବିଭିନ୍ନ ରଙ୍ଗର ପେନ୍‌ସିଲ ସଂଗ୍ରହ କରିଛନ୍ତି । ପ୍ରଥମେ ସେଗୁଡ଼ିକର ମୁନ କଟାଯାଇଛି । ଏହା ପରେ ସେଗୁଡ଼ିକୁ ଏକ କାର୍ବନ କାଗଜରେ ପରସ୍ପର ଉପରେ ରଙ୍ଗ ଅନୁସାରେ ଏକତ୍ର କରାଯାଇଛି, ଯାହା ଦ୍ୱାରା ଏହା ପେନ୍‌ସିଲଯୁକ୍ତ ଗିଟାର ପ୍ରସ୍ତୁତ ହୋଇଛି । ଏହା ପରେ ଇପୋକ୍ସି ନାମକ ଅଠାଳିଆ ପଦାର୍ଥରେ ପେନ୍‌ସିଲରେ ଆସ୍ତରଣ ଦିଆଯାଇଛି । ପେନ୍‌ସିଲଗୁଡ଼ିକୁ ଅଠାରେ ଭାସିବାଠାରୁ ରକ୍ଷା କରିବା ପାଇଁ କଳାକାର ଜଣକ ଏଥିରେ କାଠ ପ୍ୟାନେଲ୍ ରଖିଛନ୍ତି । ଏହା ପରେ ଆଉ ଏକ ଇପୋକ୍ସିର କୋଟିଂ ଦେଇଛନ୍ତି । ଏକ ମେସିନ୍ କଟର ସାହାଯ୍ୟରେ ସେ ଏହାକୁ ବାସ୍ତବ ରୂପ ଦେଇଛନ୍ତି । ତା' ପରେ କଳାକାର ଜଣକ ଗିଟାର୍‌ର ଅନ୍ୟ ଉପକରଣ ପ୍ରସ୍ତୁତ କରିଛନ୍ତି । ଶେଷରେ ଏକ ବୈଦ୍ୟୁତିକ ଗିଟାର ପ୍ରସ୍ତୁତ ହୋଇଛି । ଏଇଟି ଏତେ ନିଖୁଣ ଭାବେ ନିର୍ମିତ ହୋଇଛି ଯେ ଅନ୍ୟ ଗିଟାର ତୁଳନାରେ ଅନେକ ଗୁଣ ସୁନ୍ଦର ହୋଇଛି । ଗିଟାରଟିକୁ ନିଲାମ ପାଇଁ ନିଆଯିବ ଏବଂ ଏଥିରୁ ମିଳିଥିବା ଅର୍ଥରେ ଆମେରିକାର କୋଭିଡ-୧୯ ପ୍ରଭାବିତଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ । ଭିଡିଓଟି ଟ୍ୱିଟର୍ ପେଜ୍‌ରେ ଶେୟାର ହେବା ପରଠୁ ୧ ଲକ୍ଷରୁ ଅଧିକ ଦର୍ଶକ ଦେଖିସାରିଲେଣି । କଳାକାରଙ୍କୁ ସୃଜନଶୀଳତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି ।



# ପ୍ରେଞ୍ଚ ପଟାଟୋ ଓମ୍‌ଲେଟ


ବ୍ୟସ୍ତ ଜୀବନରେ ରବିବାରରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ!

**ଆବଶ୍ୟକ ସାମଗ୍ରୀ:**
୩ଟି ଅଣ୍ଡା, ବଡ଼ ଚାମଚରେ ୩ ଚାମଚ ବଟର, ୧/୨ ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଚାଟ୍ ମସଲା, ୧ ଚାମଚ କଟା ଧନିଆପତ୍ର, ଛୋଟଛୋଟ କଟା ହୋଇଥିବା ୨ଟି କଞ୍ଚାଲଙ୍କା ଏବଂ ଗୋଟିଏ ଆଳୁ, ସ୍ୱାଦାନୁସାରେ ଲୁଣ । ସାଧାରଣ ଭାବେ ଅଣ୍ଡା ଓମ୍‌ଲେଟ୍ ତିଆରି କରି ସମସ୍ତେ ଖାଇଥାନ୍ତି । ଏହି ଖାଦ୍ୟଟି କିନ୍ତୁ ଭିନ୍ନ ସ୍ୱାଦ ଦେଇଥାଏ ।

**ପ୍ରସ୍ତୁତି:**
ଅଣ୍ଡାକୁ ଫୁଟାଇ ଏକ ପାତ୍ରରେ ବାହାର କରିଦେବେ । ସେଥିରେ ଧନିଆପତ୍ର, ଲୁଣ, କଞ୍ଚାଲଙ୍କା ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏକ ପ୍ୟାନ୍ ଗରମ କରି ସେଥିରେ ବଟର ପକାନ୍ତୁ । ଏହା ତରଳି ଗଲେ କଟା ଆଳୁ ପକାଇ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜିବେ । ଏବେ ଫେଣ୍ଟା ହୋଇ ରହିଥିବା ଅଣ୍ଡା ଏହା ଉପରେ ପକାଇ ଦିଅନ୍ତୁ । ଅଣ୍ଡା ଏବଂ ଆଳୁ ପୂରା ସେଟ୍ ହୋଇଯିବା ପରେ ଓମ୍‌ଲେଟ୍‌କୁ ଓଲଟାଇ ୫ରୁ ୧୦ ସେକେଣ୍ଡ ପରେ ଗ୍ୟାସ୍ ବନ୍ଦ କରିଦେବେ । ଏକ ପ୍ଲେଟ୍‌ରେ ଓମ୍‌ଲେଟ୍ ଆଣି ତା' ଉପରେ ଚାଟ୍ ମସଲା ଏବଂ ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ । ଏବେ ଏହା ପସନ୍ଦର ସସ୍ କିମ୍ବା ଚଟଣି ସହିତ ପରଷିବାକୁ ପ୍ରସ୍ତୁତ ।



# ବିହନ ବୋମା ପଦ୍ଧତି



ପଦ୍ଧତି ପାଇଁ ହଳକରି ଜମି ପ୍ରସ୍ତୁତ କରିବା କିମ୍ବା ଚାରା ଗଛ ଲଗାଇବା ପାଇଁ ଗାତ ଖୋଳିବା ଦରକାର ପଡ଼େ ନାହିଁ । ଏହି କମ ପରିଶ୍ରମରେ କୌଣସି ଯନ୍ତ୍ରପାତି ବ୍ୟବହାର ନକରି ଗଛ ସୃଷ୍ଟି କରାଯାଇପାରେ । ବିହନ ବୋମା ତିଆରି କରିବା ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା କରିବାକୁ ପଡ଼େ ନାହିଁ ଓ ଚାରା ଭଳି ଏହା ଯତ୍ନ ନେବା ପାଇଁ ପଡ଼େ ନାହିଁ । ମଞ୍ଜି ଉପରେ ଥିବା ଆବରଣ ମଞ୍ଜିକୁ ଚଢ଼େଇ, ପିମ୍ପୁଡ଼ି ଓ ମୂଷା ଠାରୁ ରକ୍ଷା କରେ । ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ମାତ୍ର ବହୁତ କମ ସମୟରେ ୧୦୦୦ ଜୀବ ପିଣ୍ଡୁଳା ବା ବିହନ ବୋମା ତିଆରି ହେଇପାରେ । ବିହନ ବୋମା ଗୁଡ଼ିକ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ । ଏପରିକି ଆମେ ବିହନ ବୋମା ପଦ୍ଧତିରେର ବୁଣିବା, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ ।

**ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି**

ଦେଶର ଅନେକ ଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣର କରି ଉପକୃତ ହେଉଛନ୍ତି । ଯେମିତି ଚେନ୍ନାଇରେ ୨୦୧୭ ମସିହାରେ ହୋଇଥିବା ବାତ୍ୟାରେ ପାଖାପାଖି ୧ଲକ୍ଷ ଗଛ ମୂଳରୁ ଉପାଡ଼ି ଭାଙ୍ଗି ହୋଇଥିଲା ତାପରେ ବହୁତ ଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡ଼ିଥିଲେ ବିଭିନ୍ନ ସଂସ୍ଥା ମାନଙ୍କ ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣ ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ । ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ମିଶାଇ ଗୋଟିଏ ବୋମା ବା ପିଣ୍ଡୁଳା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ିନଯିବା ପକ୍ଷୀ ନଖାଇବା ପାଇଁ ସୁରକ୍ଷା ଦେଇଥିଲା ତେଲେଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ଲଗାଯାଇପାରିବ । ହରିୟାନାର ବନ ବିଭାଗ ଆଇ.ଆଇ.ଟି. କାନପୁର ଦ୍ୱାରା ନିର୍ମିତ ବିହନ ବୋମା ଆରବଲୀ ପର୍ବତ ଶ୍ରେଣୀର ଦୁର୍ଗମ ଅଂଚଳରେ ଜଙ୍ଗଲ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାର ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ରୁ ୩୦,୦୦୦ ମଞ୍ଜି ବୁଣାଯାଇ ପାରିବ । ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତି ପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି ଏବଂ ସହରାଞ୍ଚଳରେ ବାସ କରୁଥିବା ଛାତ୍ରଛାତ୍ରୀ ଓ ଲୋକମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ସୋସିଆଲ ମିଡିଆ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ନିଜ ଘର ଚାରିପାଖେ ସବୁଜିମାମୟ ପରିବେଶ ସୃଷ୍ଟି କରିପାରୁଛନ୍ତି । ଓଡ଼ିଶାରେ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ବୃଦ୍ଧି ପାଇଁ ୨୦୧୫ ମସିହାର ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରି ଆସୁଛନ୍ତି । ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ୍ କରିବା ଉଦ୍ଦେଶ୍ୟରେ ହାତୀ ମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବା ପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି ।

# ‘ଚନ୍ଦ୍ରଭାଗା’ପକ୍ଷରୁ୧୦୫ତମ ବଳିଦାନ ଦିବସ : ଦିବଂଗତ ଶିକ୍ଷାବିତ୍ ପୀତାମ୍ବର ପତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୧୨।୯ (ନି.ପ୍ର): ‘ଚନ୍ଦ୍ରଭାଗା’ ଅନୁଷ୍ଠାନର ଅନ୍ୟତମ ସଦସ୍ୟ ଉପଦେଷ୍ଟା ସ୍ୱର୍ଗତ ପିତାମ୍ବର ପତ୍ରୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘ ଭବନରେ ଅନୁଷ୍ଠିତ ହୋଇଯାଇଛି। ବର୍ଷିୟାନ୍ ସମାଜସେବୀ ତଥା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଜିଲ୍ଲା ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଏଥିରେ ଅଧକ୍ଷତା କରିଥିଲେ। ‘ଚନ୍ଦ୍ରଭାଗା’ର ପ୍ରତିଷ୍ଠାତା କବି ଶ୍ରୀଦେବ ପ୍ରାରମ୍ଭିକ ସୂଚନା ଦେଇ ମହାନ୍ ଦେଶପ୍ରେମୀ ବାଘାଯତୀନ୍ ଓ ତାଙ୍କ ସହଯୋଗୀ ସାଥୀମାନଙ୍କ ବଳିଦାନକୁ ପ୍ରଣାମ ଜଣାଇ ବିଶିଷ୍ଟ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ ସ୍ୱର୍ଗତ ପିତାମ୍ବର ପତ୍ରୀଙ୍କର ଜୀବନାଦର୍ଶ ଓ ପାରିବାରିକ ଜୀବନ ଉପରେ ବିଶଦ ଆଲୋକପାତ କରିଥିଲେ। ମାସିକ ପତ୍ରିକା ‘ଅଳକାନନ୍ଦା’ର ସଂପାଦକ ସାହିତ୍ୟିକ ବାଞ୍ଛାନିଧି ଦାସ, ‘ଅନ୍ନପୂର୍ଣ୍ଣା’ ଥିଏଟରର କଳାକାର କମଳଲୋଚନ ଦାଶ, ଆଇନଜୀବୀ ନିରଞ୍ଜନ ପରିଡ଼ା, ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ, ସ୍ୱର୍ଗତ ପତ୍ରୀଙ୍କ କନିଷ୍ଠ ଜାମାତା ଇଂ. ଚିତ୍ତରଂଜନ ଦାଶ, କବି ସିତାଂଶୁ ଲେଙ୍କା, ପ୍ରେମରଂଜନ ପାତ୍ର ଏବଂ ବିଶିଷ୍ଟ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ବଳିଦାନ ଦିବସର ତାତ୍ପର୍ଯ୍ୟ ଓ ଦେଶର ସାଂପ୍ରତିକ ସ୍ଥିତିରେ ଭ୍ରାତୃଭାବ ଏବଂ ସଂହତି ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ପତ୍ରୀଙ୍କ ଅମର ଆତ୍ମା ପ୍ରତି ସମ୍ମାନ ଜଣାଇ ଉପସ୍ଥିତ ବ୍ୟକ୍ତିତ୍ୱମାନେ ଏକମିନିଟ୍ ନିରବ ପ୍ରାର୍ଥନା ସହ ଫଟୋଚିତ୍ରରେ ପୁଷ୍ପପ୍ରଦାନ କରିଥିଲେ। ଶ୍ରମିକନେତା ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିର୍ମୟୀ ଶତପଥୀ, ସତ୍ୟ ସାହୁ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅବନୀ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ମୁକୁଳା ପଡିଛି ଘାଇ : ବନ୍ୟା ପରେ ଝାଟିମାଟି ଘର ସଜଡ଼ାରେ ବ୍ୟସ୍ତ ବିପନ୍ନ

କଣାସ,୧୨।୯ (ନି.ପ୍ର): ଦୟାନଦୀର ଗଡମାଟିଆପଡା ନିକଟରେ ସୃଷ୍ଟି ହୋଇଥିବା ଘାଇ ଆଜକୁ ୧୫ ଦିନ ଅତିକ୍ରମ କଲାଣି । ଘାଇଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମ ଗୁଡିକରୁ ବନ୍ୟାପାଣି କ୍ରମଶଃ କମୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୁକୁଳା ପଡିଛି ଘାଇ । ବନ୍ୟାଜଳର ସ୍ରୋତରେ ଧ୍ୱଂସସ୍ତୁପ ପରିଣତ ହୋଇଥିବା ଭିନ୍ନଭିନ୍ନ ଗ୍ରାମଗୁଡିକର ଚାଳଘର ଓ ଝାଟିମାଟି ଘର ଗୁଡିକୁ ସଜାଡ଼ିବା ଏବଂ ତାକୁ ପୁନଃ ବାସଉପଯୋଗୀ କରିବା ନିମନ୍ତେ ପ୍ରଚେଷ୍ଟା ଜାରୀ ରଖିଛନ୍ତି ଗରିବ ଓ ଅଭାବୀ ଲୋକମାନେ । ଗଡ଼ମାଟିଆପଡା ଠାରେ ଘାଇପରେ ସର୍ବାଧିକ କ୍ଷତିଗ୍ରସ୍ତ ପାଣ୍ଡିଆକେରା ଗ୍ରାମପଚାଂୟତର ନୂଆସାହି, ଗଡମାଟିଆପଡା, ଘରଛିଆ, ବଗିପଡା, ବାଙ୍କତଳ, ଶିମିଳିପାଟଣା ଓ ଗଡବଡପୁଟ ଗ୍ରାମପଚାଂୟତର ଗଡବଡପୁଟ, ବୀରକେଶରପୁର, ବାରଦା, ବାଦଲପୁର ଓ ବାଦଲପୁରପାଟଣା ଆଦି ଗ୍ରାମଗୁଡିକରେ ବନ୍ୟାଜଳ ଛାଡି ଯାଇଥିଲେ ମଧ ଧ୍ୱଂସ ବିଧ୍ୱସ୍ତ କରିଦେଇଛି ମାଟିକାନ୍ଥ ଗୁଡିକ । ଘରଛିଆ ଗ୍ରାମ ସର୍ବନିମ୍ନ ସ୍ଥାନରେ ଥିବାରୁ ଧ୍ୱଂସର ତାଣ୍ଡବ ହୋଇଛି, ଘରଛିଆରେ ଛାତଘର ଗୁଡିକର ପ୍ରଥମ ମହଲା ବୁଡିଯାଇ ସମସ୍ତ ଆସବାବପତ୍ର ବନ୍ୟା ଜଳରେ ଭିଜିନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି, ସଂଧ୍ୟା ସମୟରେ ଘାଇ ହୋଇଥିବାରୁ ଏହି ଗ୍ରାମର ଲୋକମାନେ ଉଚ୍ଚସ୍ଥାନକୁ ଯିବା ପାଇଁ ସମୟ ପାଇନଥିବା ବେଳେ ସେମାନଙ୍କର ଧାନ, ମୁଗ, ବିରି ଏବଂ ଅନ୍ୟାନ୍ୟ ଆସବାବପତ୍ର ସୁରକ୍ଷିତ ସ୍ଥାନକୁ ଉଠାଇ ପାରିନଥିଲେ । ମାଟିକାନ୍ଥ ଗୁଡିକ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିବା ବେଳେ କେତେକ ସ୍ଥାନରେ ତାହା ଅଧା ଭଙ୍ଗା ଓ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି । ଏବେ ବନ୍ୟା ପାଣି କମିବା ପରେ ଗରିବ ଓ ଅଭାବୀ ଲୋକମାନେ ଏବେ ପୁଣି ଥରେ ଭଙ୍ଗା ଦଦରା ଘରୁ ବଳକା ବତା ବାଉଁଶ ବାହାର କରି ପୁଣି ଥରେ ଝାଟି ମାଟି ଲିପି ଏହାକୁ ବାସଉପଯୋଗୀ କରିବାକୁ ପ୍ରଚେଷ୍ଟା ଜାରୀ ରଖିଛନ୍ତି । କେବଳ ଘରଛିଆ ନୁହେଁ କଣାସ ବ୍ଲକର ଅନ୍ୟ ପ୍ରାୟ ସମସ୍ତ ଗ୍ରାମରେ ବର୍ତ୍ତମାନ ସମାନ ଅବସ୍ଥା, ଘରଗୁଡିକ ସନ୍ତସନ୍ତିଆ ହୋଇଥିବାରୁ ବର୍ତ୍ତମାନ ମଧ ପାଣ୍ଡିଆକେରା ଓ ଘରଛିଆ ଗ୍ରାମର ଲୋକମାନେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି । ସରକାରଙ୍କ ତରଫରୁ ୫୦ କେଜି ଚାଉଳ ସହ ୫ ଶହ ଟଙ୍କା କେତେକ ପରିବାରକୁ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ବଂଟନ ପକ୍ରିୟା ଜାରି ରହିଛି । ଘରଛିଆ ଗ୍ରାମରେ ରନ୍ଧନଖାଦ୍ୟ ପ୍ରସ୍ତୁତ ହୋଇ ପ୍ରଦାନ କରାଯାଉଛି । ଏବେ ମଧ ବନ୍ୟାଜଳ ଗଡମାଟିଆପଡା ଓ ନୂଆସାହି ଗ୍ରାମ୍ୟରାସ୍ତାରେ ପ୍ରବାହିତ ହେଉଥିବା ବେଳେ ବରିମଣ୍ଡଳ, ଘରଛିଆ ମୁଖ୍ୟରାସ୍ତାରେ ପାଣି ଚାଲିଛି । ସରକାରୀ ସ୍ତରରେ ଘାଇ ବନ୍ଦପାଇଁ ପକ୍ରିୟା ଆରମ୍ଭ କରାଯାଇଥିବା ବେଳେ ଏହାକୁ ବନ୍ୟାକ୍ଷତିଗ୍ରସ୍ତମାନେ ବିରୋଧ କରୁଛନ୍ତି । ପ୍ରଥମେ କ୍ଷତିଗ୍ରସ୍ତମାନଙ୍କୁ ବାସଗୃହ ନିର୍ମାଣ ପାଇଁ ସହାୟତା ସହିତ ଗ୍ରାମ୍ୟରାସ୍ତାଗୁଡିର ମରାମତି ନହେଲା ପର୍ଯ୍ୟନ୍ତ ଘାଇ ବନ୍ଦ ହୋଇପାରିବ ନାହିଁ ବୋଲି ଦାବି କରୁଛନ୍ତି । ହଜାର ହଜାର ଏକର ଧାନଜମିରେ ବନ୍ୟା ପାଣି ଜମିରହି ବ୍ୟାପକ ଧାନଫସଲ ପଚିଯାଇ ନଷ୍ଟ ହୋଇଯାଇଥିବାରୁ କ୍ଷତିଗ୍ରସ୍ତଙ୍କ ଜୀବନ ଦୁର୍ବିସହ ହୋଇପଡିଛନ୍ତି । ସରକାର ତୁରନ୍ତ ସେମାନଙ୍କୁ ଗୃହ ନିର୍ମାଣ ତଥା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବନ୍ୟା କ୍ଷତିଗ୍ରସ୍ତ ଲୋକମାନେ ଦାବି କରିଛନ୍ତି ।

# ବାଲିଆପାଳ କନିଷ୍ଠଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାଚୟନ



ବାଲିଆପାଳ,୧୨।୯ (ନି.ପ୍ର): ବାଲିଆପାଳ ବ୍ଲକ କନିଷ୍ଠଶିକ୍ଷକସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ।କରୋନା କଟକଣାକୁ ମାନି ଆଜି ଅନୁଷ୍ଠିତ ବୈଠକରେ ଶିକ୍ଷକ ସମନ୍ୱୟସମିତିର ସଭାପତି ମନ୍ମଥ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱୟ ସମିତି ସଂପାଦକ ଆଦିତ୍ୟ ରାଉତ, ଆବାହକ ପୂର୍ଣ୍ଣେନ୍ଦୁ ଦାସ, ପ୍ରାଥମିକ ସିକ୍ଷକ ସଂଘ (ଏନ.ପି.ଏସ)ର ସଂପାଦକ ନିତାଇ ଚରଣ ରାଉଳ,ସହ ସଂପାଦକ ଦୀପକ କୁମାର ନାୟକ, ଉପସଭାପତି ସୁବାଷ ଚନ୍ଦ୍ର ଭଞ୍ଜ, ପୂର୍ବତନ ଶିକ୍ଷାସହାୟକସଂଘ ସଭାପତି ସନ୍ତୋଷ କୁମାର ଜେନା, ସଂପାଦକ ପଞ୍ଚାନନ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ କନିଷ୍ଠଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବ୍ୟୋମକେଶ ସାହୁ, ଉପସଭାପତି ମଞ୍ଜୁଲତା ପାତ୍ର, ସୌରଭ କୁମାର ପାତ୍ର ସଂପାଦକ ଭାବେ ମନୋରଞ୍ଜନ ପ୍ରଧାନ,ସହ ସଂପାଦକ ଭାବେ ରଶ୍ମିତା ପ୍ରଧାନ,ଅନୁରାଗ ଭୂୟାଁ କୋଷାଧ୍ୟକ୍ଷ ନବୀନ କୁମାର ରଣା, ଓଡିଟର- ଜିତୁ କୁମାର ବିଶ୍ୱାଳ, ଉପଦେଷ୍ଟା ଭାବେ ପଙ୍କଜ ବ୍ରହ୍ମଚାରୀ, ପ୍ରଦୀପ କୁମାର ପଣ୍ଡା, ଗିରିଧାରୀ ରଣା, ଅରଗାନାଇଜିଙ୍ଗ ସେକ୍ରେଟେରୀ ଭାବେ ଅଞ୍ଜନ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା ।ସଭାପତି ସମସ୍ତ ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ ।ଏହି ଅବସରରେ ନବନିର୍ବାଚିତ ସଦସ୍ୟମାନେ ସଂଘୀୟ ଭାବନା ନେଇ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

# ଗାନ୍ଧିବାଦକୁ ଛାଡିନାହାଁନ୍ତି ଦୁଇଥରର ବିଧାୟକ ଗଂଗାଧର ଦାସ : ଚାଳଘରେ ରହୁଛନ୍ତି, ସାଇକେଲ ଚଢୁଛନ୍ତି

ଭଦ୍ରକ, ୧୨/୯ (ହି.ସ.) - ଦୁଇଦୁଇ ଥର ବିଧାୟକ ହୋଇଥିବା ଚାନ୍ଦବାଲି ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଗଂଗାଧର ଦାସ ଏବେ ବୟସର ଅପରାହ୍ନରେ ପାଦ ଛାପିଛନ୍ତି । ହେଲେ ଏହି ବୟସରେ ସେ ଆଜି ଥକି ପଡିନାହାଁନ୍ତି । ତାଙ୍କର ସାଇକେଲ୍ ଚଢିବା ଓ ପେପର ପଢିବା ନିଶା ତାଙ୍କୁ ଆଜିବି ସକ୍ରୀୟ କରି ରଖିଛି । ଦୁଇଦୁଇ ଥର ବିଧାୟକ ହୋଇ ବି ସେ ଚାଳ ଛପର ନୁଆଁଣିଆ ମାଟି ଘରେ ଜୀବନ କାଟୁଛନ୍ତି । ଜଣେ ଅତି ସାଧାରଣ ମଣିଷ ଭାବେ ତାଙ୍କର ଚଳଣି । ତାଙ୍କ ବିଧାୟକ ସମୟରେ ସେ ଇନ୍ଦିରାଗାନ୍ଧୀଙ୍କ ସହ ମିଶିଛନ୍ତି । ବିଜୁ ବାବୁଙ୍କ ସହ ମଧ କାମ କରିଛନ୍ତି । ଏମର୍ଜନ୍‌ସିକୁ ବିରୋଧ କରି ସେ ସେତେବେଳେ ବିଧାୟକ ଥାଇ ମଧ ଦଳ ବଦଳ କରିଛନ୍ତି । କଂଗ୍ରେସର ହାତ ଛାଡି ସେ ଜନତା ପାର୍ଟିରେ ମିଶିଛନ୍ତି । ସେଥିପାଇଁ ସେ ଆଉ ଥରେ ବିଧାୟକ ନିର୍ବାଚିତ ହୋଇଥିଲେ । ହେଲେ ଦୁଇଥର ଜନ ପ୍ରତିନିଧି ଥାଇବି ତାଙ୍କ ଜୀବନ ଶୈଳୀ ଦେଖିଲେ ଯେ କେହିବି ବିଶ୍ୱାସ କରିପାରିବେ ନାହିଁ । ନାଁ ତାଙ୍କ ପାଖରେ ଅଛି ଗାଡି, ନାଁ ଅଛି ଭଲ ଘରେ ଖଣ୍ଡେ । ସମ୍ବଳ କହିଲେ ପୁରୁଣା ସାଇକେଲ୍ ଖଣ୍ଡେ । ଯାହା ତାଙ୍କ ଜୀବନର ଆଶ୍ରା ଓ ସାହା ଭରସା । ଯିବା ଆସିବା କରିବାରେ ଏହି ସାଇକେଲ୍ ହେଉଛି ତାଙ୍କ ବାହାନ । ବୟସ ଏତେ ତାଙ୍କୁ ପାଖାପାଖି ୮୬ ହେଲାଣି । ଆଖିକୁ ବି ଭଲ ଦେଖାଯାଉନି । କାନକୁ ମଧ ଭଲସେ ଶୁଭୁନି । ହେଲେ ଏବେ ସେ ଚଳଚ ଳ ଅଛନ୍ତି । ସେ ପ୍ରତିଦିନ ଏହି ପୁରୁଣା ସାଇକେଲ୍‌ଟି ଚଢି ନିଜ ଗାଁ କାଁପଡାରୁ ତିହିଡି ବଜାରକୁ ଆସିଥାଆନ୍ତି । ବଜାରକୁ ଆସି ଘ । ଏ ଖବର କାଗଜ ନପଢିଲେ ତାଙ୍କ ମନ ବୁଝିନଥାଏ । ଅନ୍ୟ କାହା ପରି ସେ କାହା ଉପରେ ବୋଝ ନହୋଇ ନିଜେ ଆତ୍ମନିର୍ଭରଶୀଳ ହୋଇ ଏହି ସାଇକେଲ୍‌କୁ ନିଜ ଜୀବନ ସାଥୀ କରିଛନ୍ତି । ୧୯୭୧ ଓ ୧୯୭୭ ମସିହାରେ ହୋଇଥିବା ବିଧାନସଭା ନିର୍ବାଚନରେ ସେ ଏହି ସାଇକେଲ୍‌ରେ ସାରା ନିର୍ବାଚନ ମଣ୍ଡଳୀ ବୁଲି ବୁଲି ନିଜ ପ୍ରଚାର କରିଛନ୍ତି । ତିହିଡି ବ୍ଲକ୍‌ର କାଁପଡା ଅଂଚଳର ଏହି ବିଧାୟକ ଆଜକୁ ଦୀର୍ଘ ୩୦ ବର୍ଷ ହେବ ସେ ଶୁଦ୍ଧ ନିରାମିଷ ଭୋଜନ କରୁଛନ୍ତି । ବହି ଓ ଖବର କାଗଜ ପଢିବା ନିଶା ତାଙ୍କୁ ଏପରି ବ୍ୟଗ୍ର କରିଛି ଯେ ସେ ଦିନେ ବଜାରକୁ ନଗଲେ ତାଙ୍କ ମନ ବୁଝେନି । ସେ କେବେ ବିଳାସପୂର୍ଣ୍ଣ ଜୀବନ ବିତାଇବା ପାଇଁ ଚାହିଁନାହାଁନ୍ତି ବୋଲି କୁହନ୍ତି । ୩୦୦ ରୁ ୬୦୦ ଟଙ୍କା ଭତା ପାଇ ସେ ସମୟରେ ଚଳୁଥିଲେ ପୂର୍ବତନ ବିଧାୟକ । ଗଂଗାଧରଙ୍କ ୫ ପୁଅ ଅଛନ୍ତି । ସେମାନେ ମଧ ନିଜ ନିଜ କାର୍ଯ୍ୟରେ ଖୁସି ଅଛନ୍ତି ବୋଲି ବିଧାୟକ କୁହନ୍ତି । ସାଇକେଲ ଚଢି ଅତି ସାଧାରଣ ଜୀବନ ବିତାଉଥିବା ପୂର୍ବତନ ବିଧାୟକ ଗଂଗାଧର ଦାସଙ୍କ ଏବେକାର ବିଧାୟକଙ୍କ ଭଳି ବିଳାସପୂର୍ଣ୍ଣ ଜୀବନ ବିତାଇବାକୁ ନାପସନ୍ଦ କରିଛନ୍ତି ।

## ଆକସ୍ମିକ ମୃତ୍ୟୁ ନେଇ ଅପମୃତ୍ୟୁ ମାମଲା

କୋରେଇ,୧୨।୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ପଥରପଦା ଗ୍ରାମର ମନ୍ଦରା ବେହେରାଙ୍କ ପୁଅ କାର୍ତ୍ତିକ(୫୫)ଙ୍କ ଆଜି ଆକସ୍ମିକ ଭାବେ ଡାକ୍ତରଖାନା ପହଂଚିବା ପୂର୍ବରୁ ମୃତ୍ୟୁ ହୋଇଛି । ଏନେଇ ଥାନାଧିକାରୀ ସସ୍ମିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସୟଦ ବକ୍ସ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଯାଜପୁର ସଦର ମହକୁମା ଚିକିତ୍ସାଳୟରେ ପହଂଚି ପଂଚନାମା କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି । ପ୍ରକାଶ ଯେ, ପଥରପଦା ଗ୍ରାମର କାର୍ତ୍ତିକ ବେହେରା ୨ଦିନ ହେବ ଅସୁସ୍ଥତା ଅନୁଭବ କରୁଥିଲେ । ଏନେଇ ପରିବାର ପକ୍ଷରୁ ଆଜି ସକାଳୁ ଯାଜପୁର ମୁଖ୍ୟ ଚିକିତ୍ସାଳକୁ ଚିକିତ୍ସା ନିମନ୍ତେ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ଯାଜପୁର ଥାନା ଏସର୍ମକରେ ପାଣିକୋଇଲି ଥାନାକୁ ଜଣାଇଥିଲେ । ପରିବାର ପକ୍ଷରୁ ଏନେଇ ପାଣିକୋଇଲି ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ ଯାଜପୁର ଡାକ୍ତରଖାନାରେ ପହଂଚି ଶବ ବ୍ୟବଚ୍ଛେଦ କରିଥିଲା ।

# ମରଣାନ୍ତକ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ଛାଡି ଦେଲା ପୁଲିସ, ଏସପିଙ୍କ ନିକଟରେ ଗୁହାରୀ କଲେ ପୀଡ଼ିତା

କୋରେଇ,୧୨।୯ (ନି.ପ୍ର): ବରୀ ପୁଲିସର ପକ୍ଷପାତିତା ନେଇ ନ୍ୟାୟ ପାଇଁ ଏସପିଙ୍କୁ ଭେଟିଛନ୍ତି ମରଣାନ୍ତ ଆକ୍ରମଣର ଶିକାର ହୋଇଥିବା ମହିଳା । ଗତ ୭ ତାରିଖ ମରଣାନ୍ତକ ମାମଲାରେ ଅଭିଯୁକ୍ତ ମାନଙ୍କୁ ପୁଲିସ ଥାନାକୁ ଡକାଇ ମାମଲା ରୁଜ୍ଜୁ କରିଥିଲେ ହେଁ ସେମାନଙ୍କୁ କୋର୍ଟ ଚାଲାଣ ନକରି ଥାନାରୁ ଛାଡି ଦେଇଥିବାର ଅଭିଯୋଗ କରିଛନ୍ତି ଟୁକୁନି ମଲିକ । ବରୀ ରାମଚନ୍ଦ୍ର ପୁର ଥାନା ଅନ୍ତର୍ଗତ ନାଥପୁର (ହାଟସିବା)ର ଟୁକୁନି ମଲିକଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ସନାତନ ମଲିକ ଘରୁ ଫେରୁଥିବା ସମୟରେ ପୂର୍ବ ଶତୃତାକୁ କେନ୍ଦ୍ର କରି ତାଙ୍କ ଗ୍ରାମର ନଣ୍ଡା ମଲିକ, କୁଟୁ ମଲିକ, ଟୁଟୁ ମଲିକ, ଲିଟୁ ମଲିକ ଓ ତାଙ୍କ ସ୍ତ୍ରୀ ଲୋକମାନେ ଫାରସା ଓ ଶାଳବରେ ସନାତନକୁ ଆକ୍ରମଣ କରିଥିଲେ । ଫଳରେ ସନାତନ ଗୁରୁତର ଆହତ ହୋଇ ସଞ୍ଜାହୀନ ଭାବେ ପଡିଥିଲେ । ଟୁକୁନି ସେଠାରେ ପହଂଚିବାରୁ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରୁଥିବା ବେଳେ ଗ୍ରାମାବସୀ ପହଂଚିବାରୁ ସେମାନେ ପଳାଇଯାଇଥିଲେ । କିନ୍ତୁ ତା ପୂର୍ବରୁ ଲମ୍ବୋଦର ମଲିକକୁ ମାଡ ମାରିଥିଲେ । ବର୍ତ୍ତମାନ ସନାତନ କଟକ ରେ ଚିକିତ୍ସିତ ହୋଇ ମରଣ ସହ ସଂଗ୍ରାମ କରୁଛି । ହେଲେ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ମାନଙ୍କୁ ନେଇଥିଲେ ମଧ୍ୟ ପରେ ଛାଡି ଦେଇଛି । ଫଳରେ ଅଭିଯୁକ୍ତ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଏସପିଙ୍କୁ ଗୁହାରୀ କରିଛନ୍ତି ଟୁକୁନି ।

# ଗ୍ରାମାଂଚଳରେ ପୁଅ ଜିଉଁତିଆ ପାଳିତ

ନୂଆପଡା,୧୨।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ବିଭିନ୍ନ ଗ୍ରାମରେ ପୁଅ ଜିଉଁତିଆ ପର୍ବ ବା ଦୁତିବାହାନ ଉଷା ପାଳିତ ହୋଇଯାଇଛି । ପୁଅ ଝିଅର ମଙ୍ଗଳ କାମନା କରି ଏହି ପର୍ବ ପାଳନ କରାଯାଏ । ଏହି ଉପଲକ୍ଷେ ବିଭିନ୍ନ ନଦୀ ନାଳରେ ସ୍ନାନ କରି ସେଠାରେ ଲିଙ୍ଗ ସ୍ଥାପନ ପୂର୍ବକ ଉପାସନା କରାଯାଇଥିଲା । ବିଭିନ୍ନ ମନ୍ଦିର କ୍ଲବ ଘରେ ମହିଳା ମାନେ ଏକତ୍ରିତ ହୋଇ ଏହି ପର୍ବ ପାଳନ କରିଥିଲେ । ଆଖୁଗଛ ବାନ୍ଧି ବିଭିନ୍ନ ପ୍ରକାର ଫୁଲ ଓ ଫଳରେ ପୂଜା ମଣ୍ଡପ ପ୍ରସ୍ତୁତ କରାଯାଇଥିଲା । ଦୁତିବାହାନ ବ୍ରତ କଥା ପଠନ କରାଯାଇ ପୁଅ ଝିଅଙ୍କର ମଙ୍ଗଳ କାମନା କରିଥିଲେ ମା ମାନେ । ସକାଳେ ସ୍ନାନ କରି ଘରକୁ ଆସିଲା ପରେ ପୁଅ ମାନଙ୍କୁ ଜିଉଁତିଆ ପିନ୍ଧାଇଲା ପରେ ବ୍ରତ ଉଦଯାପିତ ହୋଇଥିଲା । ଅନ୍ୟପକ୍ଷରେ ଜଉଁତିଆ ପାଇଁ ଫଳ ଦରରେ ଆକାଶଛୁଆଁ ବୃଦ୍ଧି ହୋଇଥିଲା । ପ୍ରାୟ ଚାରିରୁ ପାଂଚ ଗୁଣା ଦରରେ ବିକ୍ରି ହେଉଥିବା ବେଳେ ଲୋକେ ନିରୁପାୟ ହୋଇ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା ।

# ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ

ସମ୍ବଲପୁର,୧୨।୯ (ନି.ପ୍ର): ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳର ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶାରୀରିକ ଓ ମାନିକ ସ୍ତରରେ ସୁସ୍ଥ ରଖିବା ପାଇଁ ୧୫ ଅଗଷ୍ଟରୁ ୨ ଅକ୍ଟୋବର - ୨୦୨୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଅଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗକୁ ବିଭିନ୍ନ ଦିନ ଗୁଡ଼ିକରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଅଛି । ୧୧ ସେପ୍ଟେମ୍ବର-୨୦୨୦ରେ ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରାଯାଇଥିଲା । ଏହି ରନ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ଶ୍ରୀମତୀ ମଲ୍ଲିକ୍, ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରଡୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ ପାତ୍ରଡୁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ରେଳବାଇ ଷ୍ଟାଡିୟମରୁ ବାହାରି ସମ୍ବଲପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ଆସିଥିଲା । ସାମାଜିକ ଦୂରତା ବଜାୟ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ବୃଦ୍ଧାଙ୍କୁ ନିଷ୍ଠୁର ମାଡ : ଗୁରୁତର ବୃଦ୍ଧା ମେଡିକାଲ ବେଡ୍‌ରେ

ଭଦ୍ରକ, ୧୨/୯ (ହି.ସ.) - ଭଦ୍ରକ ଜିଲା ଧାମନଗର ଥାନା ବାରିକପୁର ବଜାରରେ କେତେକ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କୁ ମାଡମାରି ଗୁରୁତର କରିଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ କେତେକ ଦୃର୍ବୃ ବାରିକପୁର ବଜାରରେ ଲୁଟ୍ ଉଦ୍ଦେଶ୍ୟରେ ଆସିଥିଲେ । କେତେକ ଦୋକାନର ସଟର ଭାଙ୍ଗି ଲୁଟ୍ କରିବା ସହ କେତେକ ଦୋକାନର ସ୍କାଏଲାଇଟ୍ ଭାଙ୍ଗି ଲୁଟିଛନ୍ତି । ପରେ ନିକଟରେ ଥିବା ଏକ ଘରେ କେହି ରହୁଥିବା ଜାଣିବା ପରେ ଦୁର୍ବୃତ୍ତମାନେ ଘରକୁ ଯାଇ କବାଟ ଖୋଲିବା ପାଇଁ କହିଥିଲେ । କିନ୍ତୁ ବୃଦ୍ଧା କବାଟ ଖୋଲିବା ପାଇଁ ମନା କରିବାରୁ ସେମାନେ କବାଟ ତାଡି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଦୃବୃର୍ତମାନେ ଫେରାର ହେବା ପରେ ସ୍ଥାନୀୟ ଲୋକେ ବୃଦ୍ଧାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା,୧୨।୯ (ନି.ପ୍ର): ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମ୍ବିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗରାପୁର ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା । ଦୀର୍ଘ ୨ ମାସ ତଳେ ଗାଡି ମଡାଇ ମାରିବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରା ଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପିଡିତ ପରିବାର ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଗତ ଜୁଲାଇ ମାସରେ ପଟ୍ଟାମୁଣ୍ଡାଇ ଥାନା ଅଧିନ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁଙ୍କୁ ଏକ ପାରିବାରିକ ବିବାଦରେ ଆକ୍ରୋଷ ରଖି ଅଭିଯୁକ୍ତ ପୁତୁରା ସମ୍ବିତ୍ ସ୍ୱାଇଁ ଟଣାଓଟରା କରିବା ସହ ଅଶାଳୀନ ବ୍ୟବହାର ଦେଖାଇ ବାରୁ ବିଜୟ ଏହାର ପ୍ରତିବାଦ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଜୟ ଓ ରଶ୍ମିତା ଲୁନାରେ ଥାନାକୁ ଆସୁଥିବା ବେଳେ ସମ୍ବିତ୍ ଗାଡି ମଡାଇ ତାଙ୍କୁ ମାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଉଦ୍ୟମରେ ବିଜୟଙ୍କ ଗୋଡ ଗାଡି ଧକ୍କାରେ ଭାଙ୍ଗି ଯିବାରୁ ସେ ଦୀର୍ଘଦିନ ଧରି ଚିକିତ୍ସାଧିନ ଥିଲେ ।

# ସୁବର୍ଣ୍ଣରେଖା ନଦୀ କଡରେ ମୃତ ଶିଶୁପୁତ୍ର ଠାବ



ବାଲିଆପାଳ,୧୨।୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଡଗରା ପଞ୍ଚାୟତ ଆମ୍ବରୁଆ ହାଟ ନିକଟ ଦେଇ ଯାଇଥିବା ସୁବର୍ଣ୍ଣରେଖା ନଦୀ କଡରେ ଆଜି ଏକ ୫/୬ ମାସର ମୃତ ଶିଶୁପୁତ୍ର ପଡିଥିବା ଦେଖିବାକୁ ମିଳିଛି । ନଦୀରୁ ପାଣି କମିଯିବା ପରେ ନଦୀ କଡରେ ଏହି ମୃତଶିଶୁପୁତ୍ରଟି ପଡିଥିବା ନେଇ ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ ।ଶିଶୁ ପୁତ୍ର ଦେହରେ ଏକ ଗଞ୍ଜିଥିଲା ବେଳେ ତା ଅଣ୍ଟାରେ ଅଣ୍ଟାଘୁଙ୍ଗୁର ମଧ ରହିଛି ।ଖବର ପାଇ ଶହ ଶହ ଲୋକ ଏହି ମୃତ ଶିଶୁପୁତ୍ରକୁ ଦେଖିବାକୁ ଭିଡ ଜମାଇଥିଲେ ।ତେବେ ମୃତଶିଶୁପୁତ୍ରର କୌଣସି ପରିଚୟ ମିଳିପାରିନଥିବାରୁ ସ୍ଥାନୀୟ ଲୋକେ ନିକଟସ୍ଥ ଜାମକୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ ।ତେବେ ସନ୍ଧ୍ୟା ସୁଦ୍ଧା ପୋଲିସ ଘଟଣା ସ୍ଥଳରେ ପହଂଚି ନଥିବା ଜଣାଯାଇଛି ।

# ବାଞ୍ଛାନିଧି ଚକଲା ପ୍ରତିଷ୍ଠା ଦିବସ

ବାସୁଦେବପୁର,୧୨।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ବାସୁଦେବପୁର ସହିଦ ତିର୍ଥ ଯାତ୍ରୀ ସଂଘ ପକ୍ଷରୁ ସ୍ୱାଧୀନ ରାଷ୍ଟ୍ର ବାଞ୍ଛାନିଧି ଚକଲା ପ୍ରତିଷ୍ଠା ଦିବସ ପାଳନ ହେବାକୁ ଯାଉଛି । ଚଳିତ ବର୍ଷ କୋରୋନା ସଂକ୍ରମଣ ନିୟମକୁ ପାଳନ କରି ଏବଂ ସାମାଜିକ ଦୂରତା ରକ୍ଷାକରି ଏହି କାର୍ଯ୍ୟକ୍ରମ କରାଯିବ । ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ନାମିତ ବାଞ୍ଛାନିଧି ଗୋଲେଇ ହାଇସ୍କୁଲ ଛକ ଠାରୁ ବାଞ୍ଛାନିଧି ରଥ ଯାତ୍ରାର ଶୁଭାରମ୍ଭ ହେବ । ପ୍ରତ୍ୟେକ ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ଓ ବାସୁଦେବପୁର ବ୍ଲକ ଏବଂ ପୌରାଞ୍ଚଳର ଅନ୍ୟ କେତେକ ସ୍ଥାନ ପରିକ୍ରମା କରି ଶେଷରେ ମିରାକିଲ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଏହା ପରିସମାପ୍ତ ହେବ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସହିଦ୍ ତିର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା ଅନୁରୋଧ ଜଣାଇଛନ୍ତି । ଏଠାରେ ପ୍ରକାଶ ଥାଉ କି ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ଭାରତ ବର୍ଷର ବିଭିନ୍ନ ସ୍ଥାନରେ ବ୍ରିଶିଷ ଶାସନକୁ ବିରୋଧ କରି କଂଗ୍ରେସ ତରଫରୁ ସ୍ୱାଧୀନ ରାଷ୍ଟ୍ର ଗଠନ କରାଯାଇଥିଲା ।

# ବାରିପଦା ସର୍ବୋଦୟ ଆଶ୍ରମରେ ସନ୍ଥ ବିନୋବା ଜୟନ୍ତୀ ପାଳିତ



ବାରିପଦା,୧୨।୯ (ନି.ପ୍ର): ଭୂଦାନ ଆନ୍ଦୋଳନର ପ୍ରତିଷ୍ଠାତା ସନ୍ଥ ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀ ଆଜି ବିନୋବା ସ୍ମାରକ ଟ୍ରଷ୍ଟ ଓ ଓଡିଶା କ୍ଷେତ ମଜଦୂର କିଷାନ ପରିଷଦ ଆନୁକୁଲ୍ୟରେ ବାରିପଦା ଭପୁର ସ୍ଥିତ ସର୍ବୋଦୟ ଆଶ୍ରମ ପରିସରରେ କରୋନା କଟକଣା ମଧ୍ୟରେ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି । ପ୍ରଥମେ ବିନୋବାଜୀଙ୍କ ଫୋଟ ଚିତ୍ରରେ ପଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୀପ ଧୂପ ପ୍ରଜ୍ୱଳନ କରାଯାଇ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସର୍ବୋଦୟ ଆଶ୍ରମ ତଥା ବିନୋବା ସ୍ମାରକ ଟ୍ରଷ୍ଟ ତରଫରୁ ବିଶିଷ୍ଟ ସର୍ବୋଦୟ ନେତ୍ରୀ ବୀରଜା ଦେବୀ, ହରିଜନ ସେବକ ସଂଘର ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ଦୀପକ କୁମାର ନାୟକ, ସୁବ୍ରତ ଦାସ, ଦିଲ୍ଲିପ କୁମାର ପାତ୍ର, କାହ୍ନୁ ଚରଣ ଶତପଥି, ଦେବବ୍ରତ ଦେ, ସୁସ୍ମିତା ପ୍ରିୟ ଦର୍ଶିନୀ, ସୁଜାତା ସ୍ୱାଇଁ, ସରୋଜିନୀ ମହାନ୍ତି, ଇଚ୍ଛାମତି ପାତ୍ର, ସୌର୍ଯ୍ୟ ସମଦର୍ଶୀ ପ୍ରମୁଖ ଯୋଗଦେଇ ସନ୍ଥ ବିନୋବା ଗାନ୍ଧିଜୀଙ୍କର ଆଦର୍ଶକୁ ନିଜ ଜୀବନ ଧାରାରେ ପ୍ରତିପାଦିତ କରି ଯେଉଁ ପଦଚିହ୍ନ ଛାଡିଯାଇଛନ୍ତି ତାହା ବର୍ତ୍ତମାନର ଯୁବପିଢୀ ଆଚରଣ କଲେ ବାସ୍ତବରେ ଏକ ସୁସ୍ଥ ସମାଜ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ରଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ବକ୍ତା ମାନେ ସ୍ମୃତିଚାରଣ ମାଧ୍ୟମରେ କହିଥିଲେ । ଏହି ଅବସରରେ ବାରିପଦା ଉପକଣ୍ଠ ଦୁର୍ଗାପୁର ଠାରେ ଥିବା ଐତିହାସିକ ଶୈବପୀଠ ବାବା ବୁଢାରାଉଳ ମଠରେ ବେଲ, ଅଶୋକ, ଜାମୁ ଆଦି ବୃକ୍ଷରୋପଣ କରାଯାଇଥିଲା । ପୂଜକ ପଣ୍ଡିତ ବିଜୟ ଦାଶ ବୃକ୍ଷରୋପଣ କାର୍ଯ୍ୟ ପରିଚାଳନା କରିଥିଲେ ।

# ଜୟପୁରସ୍ଥିତ ଅଧିଷ୍ଠାତ୍ରୀ ମା’ ଭଗବତୀ ମନ୍ଦିରରେ ୪୫ ଦିନ ଧରି ହେଉଥିବା ଷୋଡଶ ପୂଜା ଆରମ୍ଭ

ଜୟପୁର,୧୨।୯ (ନି.ପ୍ର): ଜୟପୁର ସ୍ଥିତ ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିରରେ ୪୫ ଦିନ ଧରି ହେଉଥିବା ଷୋଡଶ ପୂଜା ଆରମ୍ଭ ହୋଇଥିବା ବେଳେ ଦଶହରା ମହୋତ୍ସବ ପାଇଁ ଆଜ୍ଞା ମାଳ ଗ୍ରହଣ କରାଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଏହି ଆଜ୍ଞା ମାଳକୁ ଗ୍ରହଣ କରିଥଲେ । ଅଧିଷ୍ଠାତ୍ରି ମା ଦକ୍ଷିଣ କାଳିକା ମନ୍ଦିରରେ ମଧ୍ୟ ଷୋଡ଼ଶ ପୂଜା ଆରମ୍ଭ ହୋଇଛି । ମୂଳାଷ୍ଟମୀ ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବାକୁ ନିମନ୍ତ୍ରଣ ଆରମ୍ଭ ହୋଇଛି । ଏହି ଅବସରରେ ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିର ଠାରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା । ପରେ ମା ଙ୍କ ପୂଜକ ବିରେନ୍ଦ୍ର ରଥ ପୂଜାର୍ଚ୍ଚନା, ଆଳତି କରିବା ସହ ଦେବୀଙ୍କ ଆଜ୍ଞାମାଳ ଜୟପୁର ପୂଜା କମିଟିର ଅଧ୍ୟକ୍ଷ ତାରା ପ୍ରସାଦ ବାହିନିପତିଙ୍କୁ ପ୍ରଦାନ କରିଥିଲେ । ପୂଜା ସମୟରେ ଦେବୋତର ବିଭାଗ କୃଷ୍ଣ ଚନ୍ଦ୍ର ଦାସ , ବେବୋତର ଅଧିକାରି ପ୍ରମୁଖ ଉପସ୍ଥିତ ରହିଥିଲେ । ପାରମ୍ପାରିକ ରିତି ଅନୁଯାଇ ମାଁ ଭଗବତୀ ଙ୍କ ନିକଟରେ ପୂଜା ପାଠ ଆଳତି କରାଯାଇ ଶାନ୍ତି ଶୃଙ୍ଖଳା କିପରି ଦଶହରା ପର୍ବ ପାଳିତ ହୋଇପାରିବ ସେନେଇ ପୂଜା କରାଯାଇଥିଲା । ରାଜରାଜୁଡା ଅମଳରୁ ଅଧିଷ୍ଠାତ୍ରି ମାଁ ଭଗବତି ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ ଦିନ ବ୍ୟାପି ଷୋଡ଼ଶ ପୂଜା କରାଯାଏ । ଚଳିତ ବର୍ଷ ଯୋଡା ଆଶ୍ୱିନ ପଡୁଥିବାରୁ ୪୫ ଦିନ ଶାରଦିୟ ପୂଜା ହେବ ଦଶହରା ଦିନ ଦଶହରା ପଡିଆରେ ଅପରାଜିତା ପୂଜା ପରେ ଦଶହରା ସମାପ୍ତ ହୁଏ । ଏହି ଷୋଡଶ ଦଶହରା ଉତ୍ସବକୁ ନେଇ ସାରା ଜିଲା ଆଜି ଉତ୍ସବ ମୁଖର ହୋଇଉଠିଛି । ୪୫ ଦିନ ଶାନ୍ତି ଶୃଙ୍ଖଳାରେ ମହୋତ୍ସବ ପାଳନ କରିବା ନେଇ ଏହି ଆଜ୍ଞାମାଳ ଗ୍ରହଣ କରାଯାଇଥାଏ ।ପୁବରୁ ଜୟପୁର ଦଶହରାକୁ ମହୀଶୁର ଦଶହରା ସହ ତୁଳନା କରାଯାଉଥିଲା । ମହୀଶୁର ପରେ ଜୟପୁର ଦଶହରା ସମଗ୍ର ଦକ୍ଷିଣ ଭାରତରେ ଦ୍ୱିତିୟ ସ୍ଥାନ ଅଧିକାର କରିଥିଲା । ମହୀଶୁର ଭଳି ଜୟପୁର ଠାରେ ଏବେ ମଧ୍ୟ ୧୬ ଦିନ ବ୍ୟାପି ଏହି ଉତ୍ସବ ପାଳନ କରାଯାଉଥିଲା । ରାଜାଜାଜୁଡା ଅମଳରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ନିମନ୍ତ୍ରଣ କରାଯାଉଥିଲା । ଏହା ପ୍ରଥା ଆଜି ମଧ୍ୟ ଏଠାରେ ଦେଖିବାକୁ ମିଳୁଛି । ଆମାବାସ୍ୟ ପରେ ଅବିଭକ୍ତ କୋରାପୁଟ ଜିଲାର ଦେବି ପିଠ ଏବଂ ସେବାୟତଙ୍କୁ ଦଶହରା ପବରେ ଯୋଗଦେବା ଲାଗି ନିମନ୍ତ୍ରଣ ପ୍ରଦାନ କରାଯିବ । ନିମନ୍ତ୍ରଣ ପାଇବା ପରେ ବିଭିନ୍ନ ଦେବି ପୀଠରୁ ଦେବୀଙ୍କ ପ୍ରତିକ ଲାଠି,ଖଡଗ, ଛାତ୍ର, ବିମାନକୁ ଭକ୍ତ ମାନେ ହାତରେ କାନ୍ଧରେ ବୋହି ଚାଲି ଚାଲି ଜୟପୁର ଠାରେ ଦଶମ ତିଥିରେ ପହଂଚି ଜୟପୁର ବାସୀଙ୍କୁ ଆଶିର୍ବାଦ କରନ୍ତି । ଏହି ଲାଠି ଧାରି ମାନଙ୍କୁ ଦଶହରା ପଡିଆରେ ପାରମ୍ପରିକ ନିତିରେ ପୂଜାର୍ଚ୍ଚନା କରାଯାଇଥାଏ, ଅପରାଜିତା ପୂଜା କରାଯାଇଥାଏ । ନବରଙ୍ଗପୁର ଜିଲାର ଉମରକୋଟ, ରାଇଘର, କୋରାପୁଟ ଜିଲାର ନନ୍ଦପୁର, ରାମଗିରି, ଜାମୁଣ୍ଡା, ପୋଡାଗଡ ଭଳି ଦେବି ପୀଠରୁ ଲାଠିଧାରିମାନେ ଚାଲି ଚାଲି ଆସିଥାନ୍ତି । ବୁଧବାର ଜୟପୁରର ଅଧିଷ୍ଠାତ୍ରୀ ମା ଭଗବତୀ ଓ ଦକ୍ଷିଣ କାଳିଙ୍କ ଶହସ୍ରା କୁମ୍ଭାଭିଷେକ ହୋଇଛି । ଏକ ହଜାର ୮ ସୁବାସିତ ଜଳରେ ମାଙ୍କୁ ସ୍ନାନ କରାଯାଇଥିଲା । ରୁପା ଡାଳରେ ମାଁ ଙ୍କୁ ସ୍ନାନ କରାଯାଇଥିଲା । ନିତିକାନ୍ତି ପରେ ଏହି ପର୍ବ ଆରମ୍ଭ ହୋଇଥିଲା । ଅକ୍ଟୋବର ୧୭ ତାରିଖ ଠାରୁ ମାଁ ଭଗବତି ବିଜୟା ଭ୍ରମଣରେ ବାହାରିବେ । ଅକ୍ଟୋବର ୨୨ ତାରିଖ ସପ୍ତମୀ ପୂଜା, ୨୩ ତାରିଖ ମହାଷ୍ଟମୀ, ୨୪ ତାରିଖ ମହାନବମୀ ପୂଜା, ୨୫ ତାରିଖ ବିଜୟ ଦଶମୀ ହେବ । ଷଷ୍ଠିରେ ଦକ୍ଷିଣ କାଳୀଙ୍କ ଓ ନବମୀ ରେ ଭଗବତି ଙ୍କ ସୁନାବେଶ କରିବା ନେଇ ସ୍ଥିର କରାଯାଇଥିଲା । ଦେବୋତର ବିଭାଗ ଓ ପୂଜା କମିଟି ତରଫରୁ ସବୁ ବ୍ୟବସ୍ଥା କରାଯାଇଛି ।

# ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବାକୁ ନେଇ ବିଜେପିର ଆନ୍ଦୋଳନ ଚେତାବନୀ

ଭଦ୍ରକ,୧୨।୯ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଅଂଚଳରେ ଗତ କିଛି ମାସ ଧରି ବିଦ୍ୟୁତ୍ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଜନ ଅସନ୍ତୋଷ ବଢିଚାଲିଥିବା ବେଳେ ସପ୍ତାହକ ମଧରେ ଅବସ୍ଥାରେ ସୁଧାର ନଆସିଲେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ବଦ୍ରୀନାରାୟଣ ଧଳଙ୍କ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ ଏଥିନେଇ ସୂଚନା ଦିଆଯାଇଛି । ଏହି ଅଂଚଳରେ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ନେସ୍କୋ କର୍ତୃପକ୍ଷ ନାନା ଆଳରେ ବିଦ୍ୟୁତ୍ କାଟ କରୁଥିବାରୁ ଦୈନିକ ପ୍ରାୟ ଅଧାରୁ ଅଧିକ ସମୟ ବିଦ୍ୟୁତ୍ କାଟ ହେଉଛି । ବାରମ୍ବାର ୩୩ କେଭି ବିଦ୍ୟୁତ୍ ଲାଇନ୍ ଅଚଳ ହୋଇପଡୁଥିବା ବିଭାଗ ପକ୍ଷରୁ ଦର୍ଶାଯାଉଥିବାବେଳେ ବିଦ୍ୟୁତ୍ ଶକ୍ତି ବଂଚାଇବାକୁ ବିଭାଗ ପକ୍ଷରୁ ଏପରି ମିଛର ଆଶ୍ରୟ ନିଆଯାଇଛି ବୋଲି ଶ୍ରୀ ଧଳ ଅଭିଯୋଗ କରିବା ସହ ଲୋକଙ୍କ ମନରେ ମଧ ବିଭାଗ ପ୍ରତି ଏହି ଧାରଣା ସୃଷ୍ଟି ହୋଇଛି ବୋଲି ଉଲ୍ଲେଖ କରାଯାଇଛି । ଅସହ୍ୟ ଗୁଳୁଗୁଳି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଏହାଛଡା ବିଦ୍ୟୁତ୍ ବ୍ୟାହତ ଯୋଗୁଁ ଲୋକେ ମୋବାଇଲ୍ ଫୋନ୍ ଚାର୍ଯ୍ୟ କରିପାରୁନାହାଁନ୍ତି । ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢା ବ୍ୟାହତ ହେଉଛି । ବିଦ୍ୟୁତ୍ ଶକ୍ତି ଜୀବନଯାପନ ପ୍ରଣାଳୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ହେଁ ବିପର୍ଯ୍ୟସ୍ତ ସେବା ଯୋଗୁଁ ହିନସ୍ତା ହେଉଛନ୍ତି । ତେଣୁ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଭଣ୍ଡାରିପୋଖରୀ ବ୍ଲକ୍‌ର ବିଦ୍ୟୁତ୍ ସୁଧାର ଆଣିବା ପାଇଁ ଡାହାଲା ଠାରେ ଏକ ଷ୍ଟ୍ରକଚର ଓ ବିଶୋଳ, ରାଢୋ ଠାରେ ଦୁଇଟି ଷ୍ଟ୍ରକଚର ନିର୍ମାଣ ହୋଇଛି । ମାତ୍ର ବିଦ୍ୟୁତ୍ ସେବା ଅଧିକ ବିପର୍ଯ୍ୟସ୍ତ ହୋଇପଡିଛି । ନିମ୍ନ ଧରଣର ଯନ୍ତ୍ରାଂଶ ବ୍ୟବହାର ଯୋଗୁଁ ଏହା ମଧ ସମସ୍ୟା ସୃଷ୍ଟି କରିଛି । ଏହାଛଡା ସୌଭାଗ୍ୟ ଯୋଜନାରେ ହିତାଧିକାରୀମାନଙ୍କୁ ବିଦ୍ୟୁତ୍ ବିଭାଗ ଶୋଷଣ କରୁଥିବାବେଳେ ଅନ୍ୟ ବହୁ ଆଶାୟୀଙ୍କ ମଧ ସଂଯୋଗ ଦିଆଯାଇନାହିଁ । ତେଣୁ ସପ୍ତାହକ ମଧରେ ବିଭାଗ ପକ୍ଷରୁ ଏହି ସବୁ ଅବ୍ୟବସ୍ଥା ଦୂର ନହେଲେ ବିଜେପି ଆନ୍ଦୋଳନ କରିବ ବୋଲି ଶ୍ରୀ ଧଳ ଚେତାବନୀ ଦେଇଛନ୍ତି ।

## ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମକୁ ବିରୋଧ କରି ଯୁବମୋର୍ଚ୍ଚାର ବିକ୍ଷୋଭ

ଭୁବନେଶ୍ୱର,୧୨।୯ (ନି.ପ୍ର): ନିକଟରେ ରାଜ୍ୟ ସରକାର ଛାତ୍ର ବିରୋଧି ଏବଂ ଶିକ୍ଷା ବିରୋଧି ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ଆଣିଛନ୍ତି । ଯାହା ବିଶ୍ୱବିଦ୍ୟାଳୟ ମାନଙ୍କର ନିଜସ୍ୱ ସ୍ୱାୟ*ତା କ୍ଷୁର୍ଣ୍ଣ ହେବା ସହିତ ଓଡିଶାର ଶିକ୍ଷା ଓ ଛାତ୍ର ସମାଜ ପ୍ରତି ଅବିଚାର ଅଟେ । ଶିକ୍ଷା ଏବଂ ଛାତ୍ର ସମାଜ ପ୍ରତି ହୋଇଥିବା ଏହି ଅନ୍ୟାୟ ଅବିଚାରକୁ ବିରୋଧ କରି ଗତକାଲି ଦିନ୧୧ଟା ସମୟରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବାଣୀବିହାର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସମସ୍ତ କୋଭିଡ୍ ନିୟମ ଏବଂ ସାମାଜିକ ଦୂରତା ଅବଲମ୍ବନ କରି ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରଶ୍ମି ରଞ୍ଜନ ମୁଦୁଲି ଏବଂ ଅନ୍ୟତମ ଉପସଭାପତି ଦିଲ୍ଲୀପ ବେହେରାଙ୍କ ନେତୃତ୍ୱରେ ସମସ୍ତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହିତ ଜିଲ୍ଲା ସଂପାଦକ ରଶ୍ମି ରଞ୍ଜନ ମହାପାତ୍ର ଓ ମନୋଜ କୁମାର ପଣ୍ଡିମକବାଟ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ନୀତିକୁପ୍ରତିହାର କରିବା ନିମନ୍ତେ ଦୃଢ ଦାବି ଉପସ୍ଥାପନା କରିଥିଲେ ।

## ସୁଡ୍ରାରେ ଜୀବନଜ୍ୟୋତି କଳାପରିଷଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୧୨।୯ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକର ବାରଖମା ସ୍ଥିତ ଜୀବନଜ୍ୟୋତି କଳା ପରିଷଦ ପକ୍ଷରୁ ଆଜି କୋଭିଡ୍-୧୯ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମାଓ ପ୍ରବଣ ଆଂଚଳ ସୁଡ୍ରା ଗ୍ରାମ ପଂଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶେଷ କରି କରୋନା ଠାରୁ ଦୂରେଇ ରହିବା, ସରକାରଙ୍କ ନିୟମ ମାନି ଚାଲିବା , ବାରମ୍ବାର ହାତ ଧୋଇବା ସହିତ ବିଭିନ୍ନ ଅଂଚଳକୁ ମଧ୍ୟ ସାଡ଼ିଟାଇଜ୍ କରାଯାଇଛି । ପଂଚାୟତର ନାଏବ ସରପଂଚଙ୍କ ଉପସ୍ଥିତିରେ ପରିଷଦର ସଦସ୍ୟମାନେ ଆଶ୍ରମ ସ୍କୁଲ ଠାରୁ ସଚେତନତା ଆରମ୍ଭ କରି ଅଙ୍ଗନଓ୍ୱାଡ଼ି କେନ୍ଦ୍ର , ଦୋକାନ ବଜାର , ଉପସ୍ୱାସ୍ଥ୍ୟକେନ୍ଦ୍ର ଆଦିକୁ ସାନିଟାଇଜ୍ କରିଥିଲେ । ଏଥି ସହିତ ଅନେକଙ୍କୁ ମାକ୍ସ ବାଂଟିଥିଲେ । ଜ୍ୱର , କାଶ ଓ ଥଣ୍ଡା ହେଲେ ତୁରନ୍ତ ଡ଼ାକ୍ତରଖାନାକୁ ଯାଇ ପରୀକ୍ଷା କରିବା ଉପରେ ଜୋର ଦେଇଥିଲେ । କଳା ପରିଷଦର ସଭାପତି ରଜନୀକାନ୍ତ ଦିଗାଲ, ସଂପାଦକ ପରମାନନ୍ଦ ନାୟକ, କୋଷାଧକ୍ଷ ଖ୍ରୀଷ୍ଟଦାସ ଦିଗାଲ, ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ଦଣ୍ଡିଆ , ଦିଗସନ୍ ନାଇକ, ସତ୍ୟଜିତ୍ ଦିଗାଲ, ପ୍ରୀନ୍ କୁମାର ନାଇକ, ସୁରେନ୍ଦ୍ର ମଲିକ ଓ ପରିଷଦର ସମସ୍ତ ସଦସ୍ୟମାନେ ସାମିଲ୍ ହୋଇଥିଲେ ।

# ସପ୍ଲିମେଂଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୨୦ ସେପ୍ଟେମ୍ବର ୧୪ରୁ ଆରମ୍ଭ ହେବ

**ମୟୂରଭଞ୍ଜରୁ ୧୪ ପରୀକ୍ଷା କେନ୍ଦ୍ର ମାଧ୍ୟମରେ ୧,୯୧୯ ପରୀକ୍ଷାର୍ଥୀ ପରୀକ୍ଷାରେ ବସିବେ**

ବାରିପଦା,୧୨।୯ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା-୨୦୨୦ ଚଳିତ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ପର୍ଯ୍ୟନ୍ତ ଚାଲୁ ରହିବ । ପରୀକ୍ଷାର ପ୍ରଥମ ଦିନ ୧୪ ତାରିଖରେ ପ୍ରଥମ ଭାଷା , ୧୫ ତାରିଖରେ ଦ୍ୱିତୀୟ ଭାଷା , ୧୬ରେ ତୃତୀୟ ଭାଷା ଟିଭିଏଲ ଥିଉରୀ(କେବଳ ମୂକ ଓ ବଧିର ଏବଂ ଭୋକେସନାଲ ପରୀକ୍ଷାର୍ଥୀମାନଙ୍କ ପାଇଁ) , ୧୮ରେ ତୃତୀୟ ଭାଷା ସଂସ୍କୃତ, ୧୯ରେ ଗଣିତ, ୨୦ରେ ତୃତୀୟ ଭାଷା ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ, ୨୧ରେ ବିଜ୍ଞାନ, ୨୨ରେ ସାମାଜିକ ବିଜ୍ଞାନ ପରୀକ୍ଷା ଆରମ୍ଭ ହେବ । ପ୍ରତ୍ୟେକ ଦିନ ପରୀକ୍ଷା ୧୦ରୁ ଆରମ୍ଭ ହୋଇ ୧୨ରେ ଶେଷ ହେବ । ସକାଳ ୯.୪୫ରେ ପାର୍ଟ-୧(ଅବଜେକ୍ଟିଭ) ଓ ପାର୍ଟ-୨(ସବଜେକ୍ଟିଭ)ର ପ୍ରଶ୍ନପତ୍ର ବଣ୍ଟନ କରାଯିବ । ପାର୍ଟ-୧ ପରୀକ୍ଷା ୧୦ରୁ ୧୧ ଏବଂ ପାର୍ଟ-୨ ପରୀକ୍ଷା ୧୨ ପର୍ଯ୍ୟନ୍ତ ଚାଲୁରହିବ । ସେହିପରି ପରୀକ୍ଷାର୍ଥୀମାନେ ପାର୍ଟ-୧ ଅବଜେକ୍ଟିଭ ପ୍ରଶ୍ନର ଉତର ଓଏମଆର ଉତର ସିଟ, ପାର୍ଟ-୨ ସବଜେକ୍ଟିଭ ପ୍ରଶ୍ନର ଉତର ପ୍ରଶ୍ନ କାମ୍ ଉତର ବୁକଲେଟରେ ଦେବେ । ଚଳିତ ୨୦୨୦ ସପ୍ଲିମେଂଟାରୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ୬୦୮ ହାଇସ୍କୁଲଗୁଡ଼ିକରୁ ୧୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧ ହଜାର ୯୧୯ ଜଣ ପରୀକ୍ଷାର୍ଥୀ ରେଗୁଲାର, ଏକ୍ସରେଗୁଲାର ଓ ପତ୍ରମାଧ୍ୟମରେ ପରୀକ୍ଷା ଦେବାକୁ ଯାଉଛନ୍ତି । ଏମାନଙ୍କ ମଧ୍ୟରେ ବାରିପଦା ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୨ ଜଣ, ଶିର୍ଷା ସରକାରୀ ହାଇସ୍କୁଲରେ ୧୭୮ ଜଣ, ବଡେନଟୀ ଏମପିସି ହାଇସ୍କୁଲରେ ୧୧୧ ଜଣ, ଖୁଂଟା ହାଇସ୍କୁଲରେ ୧୭୦ ଜଣ, ଖୁରୁଣ୍ଟିଆ ଭୁକେଶନାଲ ହାଇ ସ୍କୁଲରେ ୯୫ ଜଣ, ଉଦଳା ହାଇସ୍କୁଲରେ ୧୧୧ ଜଣ , କରଞ୍ଜିଆ ହାଇସ୍କୁଲରେ ୧୧୦ ଜଣ, ବିଜାତୋଳା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୮୯ ଜଣ, ରାଇରଙ୍ଗପୁର ହାଇସ୍କୁଲରେ ୧୯୧ ଜଣ, ଯଶୀପୁର ସରକାରୀ ହାଇସ୍କୁଲରେ ୯୩ ଜଣ, ବାରିପଦା କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୩ ଜଣ, ମୋରଡ଼ା ଜି ବି ସରକାରୀ ନୋଡ଼ାଲ ହାଇସ୍କୁଲରେ ୧୬୮ ଜଣ, ପାଟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୮ ଜଣ ଏବଂ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏହା ବ୍ୟତୀତ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପକ୍ଷରୁ ମଧ ସେପ୍ଟେମ୍ବର ୧୪ରୁ ପରୀକ୍ଷା ଆରମ୍ଭ ହୋଇ ୨୪ରେ ସମାପ୍ତ ହେବ । ଏଥି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ସେଷ ହୋଇଛି । ପ୍ରଶ୍ନ ପତ୍ରଗୁଡ଼ିକ କଡ଼ା ସୁରକ୍ଷା ବ୍ୟବସ୍ଥା ମଧରେ ରଖାଯାଇଛି । କପି ରୋକିବା ନିମନ୍ତେ ସ୍କାର୍ଡ଼ ଗଠନ କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାଏକଙ୍କ ସୂତ୍ରରୁ ଜଣାପଡ଼ିଛି ।

## ନୂତନ ୨୬ କୋଭିଡ ପଜିଟିଭ ଚିହ୍ନଟ

ନୂଆପଡା, ୧୨ ସେପ୍ଟେମ୍ବର (ହି.ସ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଏବଂ ଏନଏସିରେ ୨୬ ଜଣ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ଫଳରେ ଏହି ନୂତନଙ୍କୁ ମିଶାଇ ଜିଲ୍ଲାରେ କୋଭିଡ ପଜିଟିଭ ସଂଖ୍ୟା ୧୫୧୮ ରେ ପହଂଚିଅଛି । ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦରେ ୭ ଜଣ ଏବଂ ଖଡିଆଳ ବ୍ଲକର ଗ୍ରାମାଂଚଳରେ ୧୯ ଜଣ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୨, ୩ ଏବଂ ୮ ନଂ ଓ୍ୱାର୍ଡରୁ ଜଣେ ଲେଖାଏଁ ପୋଜିଟିଭ ଚିହ୍ନଟ ହୋଇଥିବା ବେଳେ ଏକ୍ସିସ ବ୍ୟାଙ୍କର ୨ ଜଣ କର୍ମଚାରୀ ଏବଂ ସହରର ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଖଡିଆଳ ବ୍ଲକର ଗ୍ରାମାଂଚଳ ମଧ୍ୟରୁ ଭୂଲିଆସିକୁଆଁର ୧୦ ଜଣ, ଲଛିପୁର ୨ ଜଣ, ପଦମପୁର ୩ ଜଣ, ତୁଆଝର, ତୁକଲା ଖଇରଭାଡି, ଚିନ୍ଦାଗୁଡା, ସମସେରପଦର ପ୍ରମୁଖ ଗ୍ରାମରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ଓଡିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ଅମଲାତନ୍ତ୍ରୀକରଣକୁ ବିଜେପି ଯୁବମୋର୍ଚ୍ଚାର ବିରୋଧ

ଭଦ୍ରକ,୧୨।୯ (ନି.ପ୍ର): ଓଡିଶା ସରକାରଙ୍କ ପ୍ରସ୍ତାବିତ ବିଶ୍ୱ ବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ-୧୯୫୯ ଏବଂ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଆଇନ - ୨୦୦୫କୁ ପ୍ରତ୍ୟାହାର କରି ବିଶ୍ୱବିଦ୍ୟାଳୟକୁ ଅମଲାତନ୍ତ୍ରୀକରଣ କରାଯିବାକୁ ବିଜେପି ଯୁବମୋର୍ଚ୍ଚା ବିରୋଧ କରିଛି । ସରକାରଙ୍କ ପ୍ରସ୍ତାବିତ ଆଇନରେ ପ୍ରାଧାପକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହେବା ସହିତ ଏଥିରେ ରାଜନୈତିକ ହସ୍ତକ୍ଷେପ ହେବାର ସମ୍ଭାବନା ଯଥେଷ୍ଟ ରହିଛି । ଏହା ବ୍ୟତୀତ କୁଳପତିମାନଙ୍କ ପଦ ମର୍ଯ୍ୟାଦା କ୍ଷୁଣ୍ଣ ହେବା ସାଙ୍ଗକୁ ସେମାନଙ୍କ କ୍ଷମତା ମଧ ସଙ୍କୁଚିତ ହେବ । ଏହା ଦ୍ୱାରା ଯୁଗଯୁଗ ପାଇଁ ଶିକ୍ଷା ଓ ଗବେଷଣାର ମାନ ହ୍ରାସ ପାଇବ । ବିଶ୍ୱବିଦ୍ୟାଳୟ ଗୁଡିକ ସାଧାରଣ ମହାବିଦ୍ୟାଳୟ ଭଳି କାର୍ଯ୍ୟ କରିବ । ଯାହା ଛାତ୍ର, ସମାଜ ଓ ଦେଶର ଭବିଷଁତ ପାଇଁ ଚିନ୍ତାଜନକ ବିଷୟ ବୋଲି ମୋର୍ଚ୍ଚା ଅଭିଯୋଗ କରିଛି । ଆଜି ଏହି ଅଧିନିୟମ ବିରୋଧରେ ଭଦ୍ରକ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସୁରେଶ ସାମଲଙ୍କ ନେତୃତ୍ୱରେ ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ବିଜେପି ନେତାମାନେ ଜିଲ୍ଲା ବିଜେପି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଟାଉନ ହଲ ଠାରେ ଏକତ୍ରିତ ହୋଇ ବିରୋଧ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜଗନ୍ନାଥ ଦାସ, ବିକାଶ ଶ୍ରେଷ୍ଠା, ଚନ୍ଦ୍ରମୋହନ ମହାପାତ୍ର, ସୁଧୀର ଦ୍ୱିବେଦୀ, ବିକାଶ ନାୟକ, ନିର୍ମଳ ସମାଲ, ସୂରଜ ସେଠୀ, ରାଜେନ୍ଦ୍ର ବାରିକ, ଶ୍ରୀହର୍ଷ ସ୍ୱାଇଁ, ଭଗବାନ ପଣ୍ଡା, ଶଶିକାନ୍ତ ବିଶ୍ୱାଳ, ଅନିଲ ବେହେରା, ମହମ୍ମଦ ସବିର, ବିଜୟ ନାୟକ, ଦୀପକ ନାୟକ, ଶଶାଙ୍କ ଦାସ, ନାରାୟଣ ସେନାପତି, ପ୍ରଶାନ୍ତ ଜେନା, ଆଲୋକ ମହାନାୟକ, ମାନସ ପଣ୍ଡା, ସରୋଜ ରାଉତ ପ୍ରମୁଖ ଯୋଗ ଦେଇ ଏହି ଅଧିନିୟମକୁ ବିରୋଧ ପ୍ରଦର୍ଶନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସେମାନଙ୍କ ଠାରୁ ସାକ୍ଷାତକାର୍ କରିବା ପାଇଁ ସମୟ ନେଇପାରିବେ, ପେମେଂଟ୍ କରିପାରିବେ, ପ୍ରେସ୍କିପସନ୍‌କୁ ନେଇ ଡାକ୍ତରଙ୍କ ପରାମର୍ଶ ନେବା ସହ ଦେଖା ମଧ୍ୟ କରିପାରିବେ । ଏହା ଦ୍ୱାରା ସମସ୍ତେ ଟେକ୍ନୋଲୋଜି ମାଧ୍ୟମରେ ଉନ୍ନତରୁ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଲାଭ ପାଇପାରିବେ । ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ଓ ଏଥିରେ ସ୍ୱାସ୍ଥ୍ୟସେବା ପାଇବାରେ ସମସ୍ୟାର ସାମ୍ନା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାରେ ଟେକ୍ନୋଲୋଜି ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ କେବଳ ଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଦକ୍ଷତା, କାର୍ଯ୍ୟକାରିତା ଏବଂ ସ୍ୱଚ୍ଛତାକୁ ଉନ୍ନତ କରିବ ନାହିଁ ବରଂ ଆର୍ଥିକ ସଂକଟରୁ ରକ୍ଷା କରିବ । ଏହାସହ ଜାତିସଂଘର ସଷ୍ଟେନେବୁଲ୍ ଡେଭଲପମେଂଟ୍ ଗୋଲ ୩.୮ରେ ସୂଚିତ ଥିବା ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଦିଗରେ ମଧ୍ୟ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଗ୍ରସର ହେବ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ‘ସୁସ୍ଥ ଭାରତ’ ଦ୍ୱାରା ଆତ୍ମନିର୍ଭର ଭାରତର ନିର୍ମାଣ ହେଉ ; ବିଶେଷ ଭାବରେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମ ସମସ୍ତଙ୍କ କଳ୍ପନା ରହିଛି । ସାଂପ୍ରତିକ ସମୟରେ କୋଭିଡ-୧୯ ମହାମାରୀରେ ବାହାରେ କାମ କରୁଥିବା ଲୋକମାନେ ସାମାଜିକ କଲ୍ୟାଣକାରୀ ଯୋଜନା ପାଇବାରେ ଅସୁବିଧା ଭୋଗୁଛନ୍ତି । ଦେଶବ୍ୟାପୀ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପରିଚୟ ପ୍ରବାସୀ ତଥା ବାହାରେ କାମ କରୁଥିବା ଲୋକଙ୍କୁ ଲାଭ ଦେବ । ଏହାଦ୍ୱାରା ସ୍ୱାସ୍ଥ୍ୟସେବା ପାଉନଥିବା ଦୁର୍ଗମ ଅଂଚଳରେ ରହୁଥିବା ଲୋକମାନେ ମଧ୍ୟ କମ୍ ମୂଲ୍ୟରେ ଉତମ ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରିବେ । ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ସଂସ୍ଥାକୁ ମଧ୍ୟ ସଶକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ବିଭାଗ(ଏନ୍‌ଏଚ୍‌ଏ) ଦ୍ୱାରା ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନକୁ ବିକଶିତ କରାଯାଇଛି । ଏହାକୁ କେନ୍ଦ୍ରଶାସିତ ଅଂଚଳ ଯଥା ଚଣ୍ଡିଗଡ, ଲଦାଖ, ଦାଦ୍ରା ଏବଂ ନଗରହାବେଳି, ଡାମନ ଏବଂ ଡିଉ, ପୁଡୁଚେରି, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଲାକ୍ଷାଦୀପରେ ପାଇଲଟ୍ ମୋଡରେ ଲାଗୁ କରାଯାଉଛି । ରାଜ୍ୟରେ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରାଗଲେ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟସେବା ଅଧିକରୁ ଅଧିକ ଲୋକଙ୍କୁ ଲାଭ ଦେବ । ପ୍ରଧାନମନ୍ତ୍ରୀଙ୍କ କହିବାନୁଯାୟୀ ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଏବଂ ଗରିବଙ୍କ ପାଇଁ ସୁଯୋଗ ଓ ଗେମ୍ ଚେଞ୍ଜର ହେବ । ଏହି ଯୋଜନାରେ ଓଡିଶାର ୬୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ସମେତ ଦେଶର ୫୦ କୋଟି ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି । ଶ୍ରୀ ପ୍ରଧାନ ଏବଂ ଓଡିଶାର ଜନପ୍ରତିନିଧି ମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ପୂର୍ବରୁ ଅନୁରୋଧ କରିଥିଲେ । ତେଣୁ ଏହି ଯୋଜନାକୁ ରାଜ୍ୟରେ ଲାଗୁ କରିବା ସହ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନକୁ ଲାଗୁ କରିବା ପାଇଁ ସମର୍ଥନ ଦେବାକୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମ ଲାଗୁ ହେଲେ ଓଡିଶାର ଲୋକମାନେ ସଠିକ୍ ସମୟରେ କମ୍ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ।

ପରୀକ୍ଷା ପରିଚାଳନା କରିବେ । ଜିଲ୍ଲାପାଳ ସତନ ମହାନ୍ତି କହିଛନ୍ତି ଯେ କରୋନା ଆକ୍ରାନ୍ତ ପରୀକ୍ଷାର୍ଥୀ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରରୀକ୍ଷା ଦେଇପାରିବେ । ସେମାନଙ୍କ ପାଇଁ ଆଇସୋଲେସନ୍ ରୁମ୍ ର ବ୍ୟବସ୍ଥା କରାଯାଇଛି । ଉକ୍ତ ରୁମ୍ ରେ ପରୀକ୍ଷକ ପିପିଇ କିଟ୍ ପିନ୍ଧିବେ । ସେହିପରି ଅନ୍ୟ ରୁମ୍ ରେ ୧୨ ଜଣ ଲେଖାଏଁ ପରୀକ୍ଷାର୍ଥୀ ବସିବାର ବ୍ୟବସ୍ଥା ରହିବ । ପରୀକ୍ଷାର୍ଥୀମାନଙ୍କୁ ସାନିଟାଜର ଓ ମାସ୍କ ପ୍ରଦାନ କରାଯିବ । ବାହାରୁ ଆସୁଥିବା ପିଲାଙ୍କ ପାଇଁ ରାଜଧାନୀରେ ୬ଟି ରହଣୀ କେନ୍ଦ୍ର କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ । ପରୀକ୍ଷାର୍ଥୀଙ୍କ ପାଇଁ ରାଜ୍ୟ ସରକାର ପରିବହନ ଓ ରହଣି ବ୍ୟବସ୍ଥା କରିଛନ୍ତି । ଭୁବନେଶ୍ୱରରେ ମୋଟ ୩୧ଟି ପରୀକ୍ଷା କେନ୍ଦ୍ରକୁ ୯ଟି ଜୋନରେ ବିଭକ୍ତ କରାଯାଇଛି ।

ଉଲ୍ଲେଖ୍ୟଯୋଗ୍ୟ ଯେ ରବିବାର ଦିନ ଅପରାହ୍ନ ୨ ଟା ୫ ଟା ପର୍ଯ୍ୟନ୍ତ ନିଟ୍ ପରୀକ୍ଷା ଅନୁଷ୍ଠିତ ହେବ । ଏହାର ଅଢେଇ ଘଂଟା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାକେନ୍ଦ୍ରକୁ ଯିବାକୁ ଅନୁମତି ଦିଆଯିବ । ପରୀକ୍ଷାକେନ୍ଦ୍ର ବାହାରେ ଭିଡ ଏଡାଇବାକୁ ସଚେତନ କରାଯିବ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ୟୁନିଟ୍ ୧ ମାର୍କେଟ୍ ବନ୍ଦ ରଖିବାକୁ ଗତକାଲି ବିଏମସି ନିର୍ଦ୍ଦେଶ ଦେଇଥିଲା ।

ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ନୟାଗଡ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର ଅନ୍ୟ ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧ୍ୟ ମଧୁମେହରେ ପୀଡିତ ଥିଲେ।

ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୧୫ , ବାଲେଶ୍ୱର ଜିଲ୍ଲାରେ ୧୨୭ ଜଣ, ବରଗଡ ଜିଲ୍ଲାରେ ୧୩୯, ଭଦ୍ରକ ଜିଲ୍ଲାରେ ୬୭, ବୌଦ୍ଧ ଜିଲ୍ଲାରେ ୨୬ ବଲାଙ୍ଗିର ଜିଲ୍ଲାରେ ୫୧, କଟକ ଜିଲ୍ଲାରେ ୩୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୪. ଢେଙ୍କାନାଳ ଜିଲ୍ଲାରେ ୬୭, ଗଜପତି ଜିଲ୍ଲାରେ ୧୩, ଗଂଜାମ ଜିଲ୍ଲାରେ ୫୮, ଜଗତସିଂହପୁର ଜିଲ୍ଲାରେ ୧୦୦, ଯାଜପୁର ଜିଲ୍ଲାରେ ୧୩୩ . ଝାରସୁଗୁଡା ଜିଲ୍ଲାରେ ୭୦, କଳାହାଣ୍ଡି ଜିଲ୍ଲାରେ ୭୦ . କନ୍ଧମାଳ ଜିଲ୍ଲାରେ ୪୯, କେନ୍ଦ୍ରାପଡା ଜିଲ୍ଲାରେ ୧୪୮ ,କେନ୍ଦୁଝର ଜିଲ୍ଲାରେ ୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୮ ଜଣ, ମାଲକାନଗିରି ଜିଲ୍ଲାରେ ୨୬ , ମୟୁରଭଂଜ ଜିଲ୍ଲାରେ ୫୮ ନବରଙ୍ଗପୁରରେ ୧୦୭, ନୟାଗଡ ଜିଲ୍ଲାରେ ୭୧, ନୂଆପଡା ଜିଲ୍ଲାରେ ୭୩, ପୁରୀ ଜିଲ୍ଲାରେ ୨୩୭, ରାୟଗଡା ଜିଲ୍ଲାରେ ୭୫, ସମ୍ବଲପୁର ଜିଲ୍ଲାରେ ୧୧୨ ,ସୋନପୁର ଜିଲ୍ଲାରେ ୭୨ ତଥା ସୁନ୍ଦରଗଡ ଜିଲ୍ଲାରେ ୧୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଉତ୍କଳ ବିକାଶ ପରିଷଦ ମୟୂରଭଂଜ ଜିଲ୍ଲା ଶାଖାର କର୍ମକର୍ତ୍ତା ଚୟନ

ବାରିପଦା ,୧୨।୯ (ନି.ପ୍ର): ଉତ୍କଳ ବିକାଶ ପରିଷଦ, ମୟୂରଭଂଜ ଜିଲ୍ଲା ଶାଖାର କର୍ମକର୍ତା ଚୟନ ଆଜି ବାରିପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିକାଶ ପରିଷଦର ରାଜ୍ୟ ସଭାପତି ବସନ୍ତ ସ୍ୱାଇଁଙ୍କ ଉପସ୍ଥିତିରେ ଏହି କର୍ମକର୍ତା ଚୟନ ହୋଇଥିଲା । ଏଥିରେ ଶରତ ଚନ୍ଦ୍ର ନାୟକ ସଭାପତି, ସୁକାନ୍ତ କୁମାର ଜୀଉ, ଡକ୍ଟର ପୁଷ୍ପା ପାତ୍ର, ସୁନୀଲ ଜେନା, ଉପ-ସଭାପତି, ପ୍ରଦୀପ କୁମାର ନାୟକ, ସମ୍ପାଦକ, ଶ୍ରୀନିବାସ ଭଂଜ ସହ-ସମ୍ପାଦକ, କୁମାରେଶ ନାୟକ ଓ ଅକ୍ଷୟ ମହାନ୍ତି ଯୁଗ୍ମ ସମ୍ପାଦକ ଓ ଦୀପକ କୁମାର ନାୟକ, କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ । ସୁବାଷ ଚନ୍ଦ୍ର ପ୍ରଧାନ, ନନ୍ଦ କୁମାର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ପରାମର୍ଶଦାତା ମଣ୍ଡଳୀର ସଦସ୍ୟ ଭାବରେ ଗ୍ରହଣ କରାଯାଇଛି । ସେହିପରି ଶୁଭଲକ୍ଷ୍ମୀ ଜୀଉ, ବିଜୟା ନାୟକ, ସଂଘମିତ୍ରା ରାଉତ ଓ ନିରୁପମା ଜେନାଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ମନୋନିତ କରାଯାଇଛି । ଏହି ସଭାରେ ଉଦୟ କୁମାର ଜେନା, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ କରୋନା ଆକ୍ରାନ୍ତ ୬୭: ନମୁନା ପରୀକ୍ଷା ୬୦ ହଜାର ଟପିଲା

ଭଦ୍ରକ,୧୨।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ନମୁନା ପରୀକ୍ଷା ୬୦ ହାଜର ଟିପଛି । ଆଜି ସୁଦ୍ଧା ମୋଟ ୬୦ହଜାର ୮୫୫ଜଣଙ୍କ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତ ୩୭୬୫ ହୋଇଛି । ଯେଉଁଥିଲେ ଆଜିର ନୂଆ ଆକ୍ରାନ୍ତ ୬୭ଜଣ ସାମିଲ ଅଛନ୍ତି । ଏମାନଙ୍କ ମଧରୁ ନୂଆ ୧୩୦ ସୁସ୍ଥଙ୍କୁ ମିଶାଇ ମୋଟ ସୁସ୍ଥଙ୍କ ସଂଖ୍ୟା ୨୯୧୩ ହୋଇଛି । ଏବେ ବାକି ୮୪୨ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ଆଜି ଯେଉଁ ୬୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧରେ ବାସୁଦେବପୁର ବ୍ଲକରୁ ଜଣେ, ବାସୁଦେବପୁର ପୌରପାଳିକାରୁ ୨ଜଣ, ଭଦ୍ରକ ବ୍ଲକରୁ ୯ଜଣ, ଭଦ୍ରକ ପୌରପାଳିକାରୁ ୧୩ଜଣ, ବନ୍ତ ବ୍ଲକରୁ ୫ଜଣ, ଭଣ୍ଡାରିପୋଖରୀ ବ୍ଲରୁ ୫ଜଣ, ଚାନ୍ଦବାଲି ବ୍ଲକରୁ ୭ଜଣ, ଧାମନଗର ବ୍ଲକରୁ ୭ଜଣ, ତିହିଡି ବ୍ଲକରୁ ୧୫ ଜଣ ଏବଂ ଅନ୍ୟ ଜିଲ୍ଲାର ୩ଜଣ ଆକ୍ରାନ୍ତ ଅଛନ୍ତି ।

## ବେଲଘର- ଆମ୍ବାଦୋଳା ରାସ୍ତାକୁ ଖୋଲିଲେ ମାଓବାଦୀ

କନ୍ଧମାଳ,୧୨।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ସୀମାରେ ଥିବା ବେଲଘର ଆମ୍ବାଦୋଳା ରାସ୍ତାକୁ ଖୋଲିଲେ ମାଓବାଦୀ । ଶୁକ୍ରବାର ମାଓବାଦୀ ମାନେ ବେଲଘର ଆମ୍ବଦଲା ରାସ୍ତା ଖୋଲି ଦେଇଥିବାର ଦେଖିବାକ ମିଳିଛି । ଏହି ରାସ୍ତା କନ୍ଧମାଳ କଳାହାଣ୍ଡି ଜିଲ୍ଲାର ସୀମାନ୍ତକୁ ସଂଯୋଗ କରୁଛି । ବେଲଘର ଠାରୁ ପ୍ରାୟ ୭କିମି ଦୁରରେ କଳାହାଣ୍ଡି ସୀମାନ୍ତରେ ରାସ୍ତାକୁ ଖୋଳା ଯାଇଥିବା ବେଳେ ସେହି ରାସ୍ତାରେ ଜିବା ଆସିବା ବନ୍ଦ ହୋଇଯାଇଛି । ମାଓବାଦୀମାନେ ରାସ୍ତା ଖୋଳିଥିବା ନେଇ କଳାହାଣ୍ଡି ଏସପି ସ୍ୱଷ୍ଟ କରିଥିବା ବେଳେ କନ୍ଧମାଳ ପୁଲିସ ନିକଟରେ ଏନେଇ ସୁଚନା ନଥିବା ବେଲଘର ଥାନା ଅଧିକାରୀ କହିଛନ୍ତି । ଏଠାରେ ସୁଚନା ଯୋଗ୍ୟଯେ ଦୁଇଦିନ ତଳେ କଳାହାଣ୍ଡି ପୋଲିସର ଏସଓଜି ଟିମ ଦ୍ୱାରା କମ୍ବିଂ ଅପରେସନ ଚାଲିଥିବା ବେଳେ ଭଣ୍ଡରଙ୍ଗି ସର୍କି ଜଙ୍ଗଲରେ ମାଓବାଦୀଙ୍କ ମୁହାଁମୁହିଁ ହେବା ସହ ଗୁଳିବିନିମୟ ହୋଇଥିଲା । ଏହି ଘଟଣାରେ ସିପିଆଇ ମାଓବାଦୀର ବିଜିଏନ ଡିଭିଜନର ୫କ୍ୟାଡର ମାଓବାଦୀ ନିହତ ହୋଇଥଲେ ।

ରବିବାର, ୧୩ ସେପ୍ଟେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଆଜି ଜନଜାତି ସଂଗ୍ରହାଳୟ ଭର୍ଚୁଆଲ୍ ଟୁର୍‌ରେ ପରଜା ଜନଜାତିଙ୍କର ଖାଦ୍ୟ ସଂରକ୍ଷଣର ଦେଶୀ ପଦ୍ଧତି

ଭୁବନେଶ୍ୱର,୧୨ା୯ (ନି.ପ୍ର): କୋଭିଡ୍ ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପଦକ୍ଷେପ ସ୍ୱରୂପ ପ୍ରତ୍ୟେକ ରବିବାର ଦିନ ଦର୍ଶକମାନେ ଭର୍ଚୁଆଲ୍ ଟୁର୍ ରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ କରି ଘରେ ବସି @scstrti, @stscdev ପେଜ୍ ଖୋଲି ଜନଜାତିମାନଙ୍କର ଜୀବନଶୈଳୀ, ସଂସ୍କୃତି ଆଦି ପରିଦର୍ଶନ କରିପାରୁଛନ୍ତି । ଆସନ୍ତାକାଲି ଭର୍ଚୁଆଲ୍ ଟୁ ର୍ ରେ ପରିଦର୍ଶକମାନେ 'ପରଜା' ଜନଜାତିମାନଙ୍କର ପାରମ୍ପରିକ ଖାଦ୍ୟ ସଂରକ୍ଷଣ ପଦ୍ଧତି କିଭଳି ଅନନ୍ୟ ସେ ବିଷୟରେ ଜାଣିପାରିବେ । ଓଡ଼ିଶାର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ବିଶେଷତଃ 'ପରଜା' ଜନଜାତି ବସବାସ କରିଥାନ୍ତି । ସେମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ଧାନଚାଷ ସେମାନଙ୍କର ମୁଖ୍ୟ ଚାଷ। ଏହାଛଡ଼ା ମାଣ୍ଡିଆ, ମୁଗ, ବିରି, ରାଜ୍‌ମା, ଅଦା ଆଦି ଚାଷ କରିଥାନ୍ତି। ଧାନ, ଖାଦ୍ୟଶସ୍ୟ ସଂରକ୍ଷଣ ନିମନ୍ତେ 'ପରଜା'ମାନେ ସେମାନଙ୍କର ପାରମ୍ପରିକ ପଦ୍ଧତି ଅନୁସରଣ କରିଥାନ୍ତି । ମଂଜିର ସୁରକ୍ଷା ପାଇଁ ସେମାନେ ଅରଗାନିକ୍ ପେଷ୍ଟିସାଇଡ୍‌ସ୍ ଓ ପେଷ୍ଟ ନିୟନ୍ତ୍ରଣ ଟେକ୍‌ନିକ୍ ବ୍ୟବହାର କରିଥାନ୍ତି । ଧାନଚାଷରେ ପୋକ ନିୟନ୍ତ୍ରଣ ନିମନ୍ତେ ସେମାନେ କ୍ରାଉନ୍ ଫ୍ଲାଓ୍ୱାର, ନିମ୍ବ ଓ କଲରା ପତ୍ରକୁ ଗୋବର ଓ ଗୋମୂତ୍ରରେ ମିଶ୍ରଣ କରି ୧୫ରୁ ୨୦ ଦିନ ରଖିବା ପରେ ସେଥିରୁ ଲିକୁଇଡ୍ ବାହାର କରି ପୋକମରା ସ୍ପ୍ରେ ଭାବେ ବ୍ୟବହାର କରିଥାନ୍ତି । ପରିବାରର ଚାଉଳ ସଂରକ୍ଷଣ ନିମନ୍ତେ ସେମାନେ 'କୋଲେକି' କିମ୍ବା ବାଉଁଶ ଶସ୍ୟବିନ୍ କୁ ଷ୍ଟୋରହାଉସ୍ ଭାବେ ବ୍ୟବହାର କରିଥାନ୍ତି । ଉତ୍ପାଦିତ ଧାନକୁ ଏକ ବଡ଼ ବାସ୍କେଟ୍ ରେ 'ପରଜା' ଘରେ ଗ୍ରେନ୍ ବିନସ୍ ରେ ରଖାଯାଏ । ଆଉ ମଧ ଚାଉଳକୁ କାଠ ଷ୍ଟୋରେଜ୍ ବିନ୍ 'ଗାଡ଼ିଆ'ରେ ସଂରକ୍ଷିତ କରିଥାନ୍ତି । ଅନ୍ୟାନ୍ୟ ଶସ୍ୟଜାତୀୟ ଖାଦ୍ୟପଦାର୍ଥକୁ ମଧ ଅତି ଯତ୍ନର ସହିତ ସଂରକ୍ଷଣ କରାଯାଏ ।

## ସେପ୍ଟେମ୍ବର ୧୪-୨୦ ତାରିଖ ମୋଦିଙ୍କ ଜନ୍ମ ସପ୍ତାହକୁ ସେବା ସପ୍ତାହ ରୂପେ ପାଳନ କରିବ ବିଜେପି




ଭୁବନେଶ୍ୱର,୧୨ା୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମସପ୍ତାହକୁ ବିଜେପି ପକ୍ଷରୁ ଦେଶବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରାଯାଉଛି । ଏହି ସେବା ସପ୍ତାହରେ ବିଜେପି କାର୍ଯ୍ୟକର୍ତାମାନେ ବିଭିନ୍ନ ପ୍ରକାରର ସେବାକାର୍ଯ୍ୟମାନ କରି ପ୍ରଧାନମନ୍ତ୍ରୀଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଥାନ୍ତି । ଚଳିତ ବର୍ଷ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ୭୦ତମ ଜନ୍ମଦିବସ ହୋଇଥିବା କାରଣରୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ସମଗ୍ର ଦେଶରେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ ଅନୁଷ୍ଠିତ ହେବ । ସେବା ସପ୍ତାହର ପ୍ରଥମ ଦିନ ଆସନ୍ତା ୧୪ ତାରିଖରେ କାର୍ଯ୍ୟକର୍ତାମାନେ ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ୭୦ଟି ଲେଖାଏଁ ବୃକ୍ଷରୋପଣ କରିବା ସହ ପର୍ଯ୍ୟାବରଣର ସୁରକ୍ଷା ପାଇଁ ସଂକଳ୍ପ ନେବେ । ଦ୍ୱିତୀୟ ଦିନ ୧୫ ତାରିଖରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ୭୦ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ ଏବଂ ୭୦ ଜଣ ଗରୀବ ଭାଇଭଉଣୀଙ୍କୁ ଆବଶ୍ୟକତା ଅନୁଯାୟୀ ମାଗଣା ଚଷମା ପ୍ରଦାନ କରାଯିବ । ଏଥି ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ବ୍ୟକ୍ତିତ୍ୱ ସମ୍ବନ୍ଧୀତ ୭୦ଟି ଭିନ୍ନ ଭିନ୍ନ ଭିଡିଓ / ଫଟୋଚିତ୍ର ପ୍ରଦର୍ଶନୀ ସୋସିଆଲ ମିଡିଆ ମାଧମରେ ଅନୁଷ୍ଠିତ ହେବ। ତୃତୀୟ ଦିନ ଅର୍ଥାତ ୧୬ ତାରିଖରେ ରାଜ୍ୟର ସମସ୍ତ ମଣ୍ଡଳର ୨ ଟି ଗରୀବ ବସ୍ତି ଓ ଡାକ୍ତରଖାନାରେ ଫଳ ବିତରଣ କରାଯିବ । ଚତୁର୍ଥ ଦିନ ୧୭ ତାରିଖରେ ରାଜ୍ୟର ୭୦ଟି ସ୍ଥାନରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତଦାନ କରାଯିବ । ଏଥି ସହ ସ୍ଥାନୀୟ ଆବଶ୍ୟକତା ଓ ଡାକ୍ତରଖାନା ମାଧମରେ ୭୦ ଜଣଙ୍କୁ ପ୍ଲାଜମା ଦାନ କରାଯିବ । ୧୮ ଓ ୧୯ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ନେଇ ୱେବିନାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର ୨ଟି ସ୍ଥାନରେ ଭର୍ଚୁଆଲ ମିଟିଂର ଆୟୋଜନ କରାଯିବ । ଏହି ମିଟିଂରେ ସମାଜର ପ୍ରମୁଖ ବୁଦ୍ଧିଜୀବୀ ଓ ନାଗରିକମାନେ ଯୋଗଦାନ କରିବେ । ଶେଷ ଦିନ ଅର୍ଥାତ ୨୦ ତାରିଖ ଦିନ ପ୍ରତ୍ୟେକ ଜିଲ୍ଲାର ୭୦ଟି ଗ୍ରାମରେ ସ୍ୱଚ୍ଛତା ଅଭିଯାନ କରାଯିବା ସହ ଥରକା ବ୍ୟବହୃତ ପ୍ଲାଷ୍ଟିକ (ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ) ବର୍ଜନ ପାଇଁ କାର୍ଯ୍ୟକର୍ତାମାନେ ସଂକଳ୍ପ ନେବେ । ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସେବା ସପ୍ତାହ କାର୍ଯ୍ୟକ୍ରମରେ ପାର୍ଟୀର ସମସ୍ତ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ସହ ପାର୍ଟୀର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତାମାନେ କୋଭିଡ୍-୧୯ ନୀତିନିୟମକୁ ମାନି ଭାଗ ନେବାକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଅନୁରୋଧ କରିଛନ୍ତି ।

## ନରଣପୁର ୟୁବିଆଇ କିୟୋସ୍କ କର୍ମଚାରୀଙ୍କ ମନମାନି

### ଖାତା ଖୋଲିବା ପାଇଁ ଗ୍ରାହକଙ୍କଠୁ ନେଉଛନ୍ତି ହାତଗୁଞ୍ଜା !

ନୀଳଗିରି,୧୨ା୯ (ନି.ପ୍ର): ଦୈନନ୍ଦିନ ଲୋକମାନଙ୍କର ଚାହିଦାକୁ ଲକ୍ଷ୍ୟକରି ବିଭିନ୍ନ ବ୍ୟାଙ୍କ ଗୁଡିକ ଲୋକମାନଙ୍କ ସୁବିଧା ପାଇଁ ଗ୍ରାମାଂଚଳ ମାନଙ୍କରେ କିୟୋସ୍କ ମାଧମରେ ସେବା ଯୋଗାଉଛନ୍ତି। କିନ୍ତୁ କିୟୋସ୍କ ଦାୟିତ୍ୱରେ ଥିବା ବାବୁମାନେ ରାତାରାତି ବଡଲୋକ ହେବାର ଲକ୍ଷ୍ୟରଖି ଦୁର୍ନିତି କରିବା ଘଟଣା ଗ୍ରାହକ ଓ ବ୍ୟାଙ୍କ କତୃପକ୍ଷଙ୍କ ଚିନ୍ତାବଢାଇଛି। ଏପରି ଏକ ଘଟଣା ନରଣପୁର ୟୁବିଆଇ କିୟୋସ୍କରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବରହମପୁର ୟୁବିଆଇ ଶାଖା ଅଧିନରେ ଏକ କିୟୋସ୍କ ଶାଖା ମିନତି ସାହୁଙ୍କ ନାମରେ ପଞ୍ଜିକୃତ କରି ସେବା ଯୋଗାଇ ଦେବା ପାଇଁ ନରଣପୁରରେ କିୟୋସ୍କ ଖୋଲାଯାଇଛି। ଶ୍ରୀମତୀ ସାହୁଙ୍କର ଶିକ୍ଷାଗତ ଯୋଗ୍ୟତା ଯାହା ସେ କିୟୋସ୍କ ଚଳାଇବା ସମ୍ଭବ ନୁହେଁ। ତାଙ୍କ ସ୍ୱାମୀ ତାଙ୍କ କାମରେ ସାହାଯ୍ୟ କରୁଥିବାର ଦେଖାଯାଉଥିବବେଳେ ସାଧାରଣ ଲୋକଙ୍କ ସେବା ଯୋଗାଇଦେବା ପରିବର୍ତେ ବିଭିନ୍ନ ସମୟରେ ଗ୍ରାହକ ମାନଙ୍କୁ ଠକୁଥିବା ବାରମ୍ବାର ଅଭିଯୋଗ ହୋଇଛି। ନରଣପୁର ଗ୍ରାମର ବିଭୁତିଭୁଷଣ ପରିଡାଙ୍କ ଝିଅ ଉଷଶ୍ରୀ ପରିଡା ନବମ ଶ୍ରେଣୀରେ ପଢୁଥିବାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସାଇକେଲ ପାଇବା ପାଇଁ ଏକାଉଂଟ ଖୋଲିବା ପାଇଁ ଉକ୍ତ କିୟୋସ୍କ ସେଂଟରକୁ ଯାଉଥିଲେ। ଶ୍ରୀମତୀ ସାହୁ ଶହେ ଟଙ୍କାର ଏକ ଏକାଉଂଟ ଖୋଲିବା ପାଇଁ ଜୋର ଜବରଦସ୍ତ ୨ ଶହ ଟଙ୍କା ଦାବୀ କରିଥିଲେ। ଏ ବାବଦରେ ଉଷଶ୍ରୀ ଘରେ କହିବାରୁ ତାଙ୍କ ଦାଦା ଟେଲିଫୋନରେ ଶ୍ରୀମତୀ ସାହୁଙ୍କୁ ହାତଗୁଞ୍ଜା ସମ୍ପର୍କରେ ପ୍ରଶ୍ନ କରିଥିଲେ। ମାତ୍ର ଶ୍ରୀମତୀ ସାହୁ ତାଙ୍କର ଦରମା ନଥିବାରୁ ସେ ଅଧିକ ଟଙ୍କା ନେଉଥିବା ରୋକଠକ ଜଣାଇଥିଲେ। ପୂର୍ବରୁ ତାଙ୍କ ବିରୋଧରେ ବାରମ୍ବାର ଏଭଳି ଅଭିଯୋଗ ଆସୁଥିବାରୁ ନ୍ୟାୟ ପାଇଁ ଉଷଶ୍ରୀଙ୍କ ବାପା ଶାଖା ପରିଚାଳକଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଶାଖା ପରିଚାଳକ ଅଭିଯୋଗ ପାଇବା ପରେ ତଦନ୍ତ ବଦଳରେ ଶ୍ରୀମତୀ ସାହୁଙ୍କ ସହିତ ସମାଧାନ କରି ଖାତା ଖୋଲିବାକୁ କହିବା ଘଟଣା ଶାଖାପରିଚାଳକଙ୍କ ଅସଲ ମୁଖା ଏବେ ପଦାରେ ପଡିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଶାଖା ପରିଚାଳକ କିୟୋସ୍କ ମାଲିକଙ୍କୁ ଘଂଟ ଘୁଡାଉଛନ୍ତି ବୋଲି ଏବେ ନୀଳଗିରିରେ ଚର୍ଚ୍ଚାର ବିଷୟବସ୍ତ ପାଲଟିଛି। ତୁରନ୍ତ ଏଦିଗରେ ୟୁବିଆଇର ଉଚ୍ଚ ପଦସ୍ଥ ଅଧିକାରୀମାନେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନର ଦାନା ବାନ୍ଧୁଥିବା ନେଇ ଗ୍ରାହକଙ୍କ ବାପା ବିଭୁତି ସୂଚନା ଦେଇଛନ୍ତି।

## ଷ୍ଟେଟବ୍ୟାଙ୍କର ୫ କର୍ମଚାରୀଙ୍କ ସମେତ ଥାନା ଏସଆଇଙ୍କୁ କରୋନା

ନୀଳଗିରି,୧୨ା୯ (ନି.ପ୍ର): କରୋନା ମହାମାରୀ ଦେଶରେ ହୁ ହୁ ବଢିଚାଲିଥିବାବେଳେ ସେଥିରୁ ନୀଳଗିରି ବାଦ ପଡିନାହିଁ। ଏନେଇ ଲୋକେ ଚିନ୍ତାରେ ଥିବାବେଳେ ଦିନକୁ ଦିନ ନୂଆ ନୂଆ ଲୋକ କରୋନାରେ ସଂକ୍ରମିତ ଖବର ସାଧାରଣ ଜନତାଙ୍କ ଚିନ୍ତାବଢାଇଛି। ଭାରତୀୟ ଷ୍ଟେଟବ୍ୟାଙ୍କ ନୀଳଗିରି ଶାଖାର ମ୍ୟାନେଜର ସମେତ ୫ ଜଣ କର୍ମଚାରୀ ଓ ନୀଳଗିରି ଥାନାର ସେକେଣ୍ଡ ଅଫିସରଙ୍କ ସ୍ୱାବ ଟେଷ୍ଟ ପରେ ପଜେଟିଭ ବାହାରିଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହେବା କ୍ଷଣି ଲୋକ ଭୟଭିତ ହୋଇପଡିଥିବା ଜଣାପଡିଛି।

## ରାଜଧାନୀରୁ ପୁଣି ୪୮୦ ପଜିଟିଭ୍

ଭୁବନେଶ୍ୱର,୧୨ା୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ଶନିବାର ଦିନ ଆଉ ୪୮୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮୨ ଜଣ କ୍ୱାରେଂଟାଇନ୍ ରୁ ଠାବ ହୋଇଥିବା ବେଳେ ୨୯୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଅନ୍ୟପକ୍ଷରେ ଆଜି ଆକ୍ରାନ୍ତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ଶନିବାର ଦିନ ଆଉ ୬୪୨ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୮୪୫କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ।ସଂଖ୍ୟା ୧୦,୮୨୬ରେ ପହଂଚିଥିବା ବେଳେ ବର୍ତମାନ ଆଉ ୪,୯୪୬ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ଶନିବାର ଦିନ ଆଉ ୨ ଜଣଙ୍କର ମୃତ୍ୟୁ ହେବାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୦କୁ ବୃଦ୍ଧି ପାଇଛି। ସୂଚନା ଅନୁଯାୟୀ ଶନିବାର ଚିହ୍ନଟ ୧୮୨ କ୍ୱାରେଂଟାଇନ୍ ମାମଲା ମଧ୍ୟରେ ସହୀଦ ନଗରରୁ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି କେନ୍ଦ୍ର ସରକାରୀ ହସ୍ପିଟାଲର ୮ କର୍ମଚାରୀ, ନୟାପଲ୍ଲୀ , ବରମୁଣ୍ଡା ବିଡିଏ କଲୋନୀ ଓ ଚନ୍ଦ୍ର ଶେଖରପୁର ବିଡିଏ କଲୋନୀରୁ ୬ ଜଣ ଲେଖାଏଁ , ଶୈଳଶ୍ରୀବିହାର ଓ ଚକେଇସିଆଣିରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆରୁ ସର୍ବାଧିକ ୧୨ ଜଣ, ଆଇଆରସି ଭିଲେଜରୁ ୮, ଭରତପୁର, ବରମୁଣ୍ଡା ଏଚବି କଲୋନୀ , ଡୁମଡୁମା ଓ ଶୈଳଶ୍ରୀବିହାରରୁ ୭ ଜଣ ଲେଖାଏଁ, ସହୀଦନଗର, ନୟାପଲ୍ଲୀରୁ ୬ ଜଣ ଲେଖାଏଁ , ହଂସପାଳ, ରସୁଲଗଡ,ବାପୁଜୀନଗର, ତମାଣ୍ଡୋରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ଅପରପକ୍ଷରେ ଶୈଳଶ୍ରୀବିହାର ଭିଆଇଏମ ଅଂଚଳରୁ ସର୍ବାଧିକ ୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ବଡଗଡ ବ୍ରିଟ୍ କଲୋନୀରୁ ୧୩ ଜଣ, ଜାଗମରା ଗାଁରୁ ୧୧ ଜଣ, ବରମୁଣ୍ଡା ଏଚବି କଲୋନୀ , ଆଇଗିଣିଆ ଓ ଗେଂଟାଲ କଲୋନୀରୁ ୯ ଜଣ ଲେଖାଏଁ , ୮ ପୋଲିସ୍ କର୍ମଚାରୀ ସୁସ୍ଥ ହୋଇଛନ୍ତି।

## ତେଲିପାଳ ପଂଚାୟତର ଦୁର୍ନିତୀ ନେଇ ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡଙ୍ଗୀ ପ୍ରେସମିଟ




ନୀଳଗିରି,୧୨ା୯ (ନି.ପ୍ର): ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀଙ୍କ ବାସଭବନରେ ଅପରାହ୍ନ ପ୍ରାୟ ୧ଟା ସମୟରେ ଏକ ସାମ୍ବାଦିକ ସମ୍ମିଳିନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀଯୁକ୍ତ ଷଡଙ୍ଗୀ ନୀଳଗିରି ବ୍ଲକ ଅଧିନସ୍ଥ ତେଲିପାଳ ପଂଚାୟତରେ ଦୁର୍ନିତିନେଇ ପ୍ରଶ୍ନଉଠାଇବା ସହିତ ଏହାର ନିରପେକ୍ଷ ତଦନ୍ତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ , ମୁଖ୍ୟ ଶାସନ ସଚିବ, ପଂଚାୟତରାଜ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ନେଇ ପ୍ରକାଶ କରିଛନ୍ତି। ବିଶେଷ କରି ପଂଚାୟତରେ ଡ୍ରେନ , ରାସ୍ତା,ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନିତୀ ହୋଇଥିବା ଅଭିଯୋଗ କରିଛନ୍ତି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୭,୫୭୦ ନୂଆ ମାମଲା: ୧୨୦୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୨ା୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୯୭,୫୭୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୨୦୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୬,୫୯,୯୮୫ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୫୮,୩୧୬ ବର୍ତମାନ ସୁଦ୍ଧା ୭୭,୪୭୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଗାଡିଚୋର ଧରିବାକୁ ମୟୂରଭଂଜ ପୁଲିସ୍ ଜଳେଶ୍ୱରରେ

ଜଳେଶ୍ୱର,୧୨ା୯ (ନି.ପ୍ର): ମୟୂରଭଂଜ ଜିଲାର ବଡସାହି ଥାନା ଅଂଚଳର ଏକ ବାଇକ୍‌ଚୋରୀ ରାକେଟ୍ ସଂକ୍ରିୟ ଥିବା ବେଳେ ସେହି ଗୋଷ୍ଠୀ ଏକ ବାଇକ୍‌କୁ ବାଲେଶ୍ୱର ଜିଲାର ଜଳେଶ୍ୱରର ଅଂଚଳରେ ବିକ୍ରିକରିଥିବା ବହସାହି ଥାନା ପୁଲିସ୍ ଅନୁସନ୍ଧାନରୁ ଜାଣିପାରିଛି । ଏହି ରାକେଟ୍‌ର ମାଷ୍ଟମାଇଣ୍ଡକୁ ବଡସାହି ପୁଲିସ୍ ଧରିପାରିଥିବା ବେଳେ ତାକୁ ନେଇ ଜଳେଶ୍ୱର ଥାନା ଅନ୍ତର୍ଗତ କେତେକ ସ୍ଥାନରେ ଚଢାଉ ଆରମ୍ଭ କରିଛି । ଜଳେଶ୍ୱର ପୁଲିସ୍‌ର ସହାୟତାରେ ଏହି ଚଢାଉ କାର୍ଯ୍ୟ ଚାଲିଥିବା ବେଳେ ଜଳେଶ୍ୱର ଅଂଚଳକୁ କେତୋଟି ଗାଡି ଆସିଛି, ସେଥିନେଇ ତଦନ୍ତ ଚାଲିଛି ।

## ଜିଲ୍ଲାପ୍ରଶାସନ ପକ୍ଷରୁ କୋଭିଡ୍‌ରୁ ସୁସ୍ଥ ପ୍ଲାଜମା ଦାତାଙ୍କୁ ସମ୍ବର୍ଦ୍ଧନା



ବାରିପଦା ,୧୨ା୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲାରେ କୋଭିଡ୍-୧୯ ପରିଚାଳନା ତଥା ସତର୍କତା ସଚେତନତା କାର୍ଯ୍ୟକ୍ରମ ଉପରେ ବିଶେଷ ଧାନ ଦେଇ ସୁପରିଚାଳନା କରାଯାଇ ଆସୁଅଛି । ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ କୋଭିଡ୍‌ରେ ଆକ୍ରାନ୍ତ ଜଟିଳ ରୋଗୀ ମାନଙ୍କୁ ପ୍ଲାଜମା ଥେରାପି ଚିକିତ୍ସା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦେଇ ଏହାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକ୍ରମକୁ ଜିଲ୍ଲାରେ ତରାନ୍ୱିତ କରାଯାଉଛି । କୋଭିଡ୍‌ରୁ ସୁସ୍ଥ ହୋଇଥିବା ଯୋଗ୍ୟ ବ୍ୟକ୍ତି ମାନଙ୍କ ଠାରୁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହିତ କରାଯଉଛି । ଏହି ପରିପ୍ରେକ୍ଷୀରେ, ତା.୧୦.୦୯.୨୦୨୦ ରିଖ ପୂର୍ବାହ୍ନରେ ମୟୂରଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମଳନୀ କକ୍ଷରେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୬ ଜଣ ପ୍ଲାଜମା ଦାତା କୋଭିଡ୍ ଯୋଦ୍ଧା ମାନଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ତାଙ୍କର ପ୍ଲାଜମା ଦାନ ପରି ଏକ ମହତ ତଥା ଜଟିଳ ଆକ୍ରାନ୍ତ କୋଭିଡ ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ପ୍ରେରଣାର ଉତ୍ସ ସାଜିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇବା ସହିତ ଜିଲ୍ଲାରେ ବର୍ତମାନ ସୁଦ୍ଧା ତିନି ହଜାରରୁ ଉର୍ଦ୍ଧ ବ୍ୟକ୍ତି କୋଭିଡରୁ ସୁସ୍ଥ ହୋଇଥିବା ସମସ୍ତ ବ୍ୟକ୍ତି ମାନଙ୍କୁ ମଧ ଏ ଦିଗରେ ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବଡସାହି ସିଏଚ୍‌ସିର ଡାକ୍ତର ସଂଜିବ କୁମାର ବଇତାଳ ପ୍ଲାଜମା ଦାତା ତାଙ୍କର ଅନୁଭୂତି ପ୍ରକାଶ କରିଥିଲେ। ପ୍ଲାଜମା ଥେରାପି ଚିକିତ୍ସା ପାଇଁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ ପ୍ଲାଜମା ଦାନ କରିଥିବା ପରେ ରରୁଆଁ ବ୍ଲକ ଝୁମୁକପାଳ ଗ୍ରାମର ଦୁର୍ଯ୍ୟଧନ ମାଝୀ, କପ୍ତିପଦା ବ୍ଲକର ଛୁଇଁପୋଷି ଗ୍ରାମର ଆଲୋକ ଦେହୁରୀ, ରାସଗୋବିନ୍ଦପୁର ବ୍ଲକର ମଙ୍ଗଳପୁର ଝାଡିଅଡା ଗ୍ରାମର ହିମାଂଶୁ କୁଣ୍ଡୁ ଓ ରାସଗୋବିନ୍ଦପୁର ବ୍ଲକର ମଙ୍ଗଳପୁର ଝାଡିଅଡା ଗ୍ରାମର ଚନ୍ଦ୍ରକାନ୍ତ ଦାସ ଏବଂ ବଡସାହି ସିଏଚ୍‌ସିର ଡାକ୍ତର ସଂଜିବ କୁମାର ବଇତାଳ ଓ ଖୁଣ୍ଟା ବ୍ଲକର ଡୁକୁରା ସିଏଚ୍‌ସି ର ଡାକ୍ତର ଜୟନ୍ତ କୁମାର ସିଆଳ ପ୍ରମୁଖ କୋଭିଡ୍ ଯୋଦ୍ଧା ମାନଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭ ଶ୍ରୀ ବିବେକାନନ୍ଦ ସାହୁ ପି.ଏ.ଆଇ.ଟି.ଏ. ବାରିପଦା ତଥା କୋଭିଡ୍-୧୯ ଜିଲ୍ଲା ପ୍ଲାଜମା ଥେରାପି ନୋଡାଲ ଅଫିସର ଶ୍ରୀ ବସନ୍ତ କୁମାର ସେଠୀ, ଜିଲ୍ଲା ଜରୁରୀ ଅଧିକାରୀ, ଡେପୁଟି କଲେକ୍ଟର ସୁଜୟ କୁମାର ପତି, ଅତିରିକ୍ତ ଉପଜିଲ୍ଲାପାଳ ବାରିପଦା ଶ୍ରୀ ପ୍ରକାଶ ବେହେରା ପ୍ରମୁଖ ସମେତ ସଂପୃକ୍ତ ପଦାଧିକାରୀ ଉପସ୍ଥିତ ରହି ପ୍ଲାଜମା ଦାତାଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଯୋଗ୍ୟ, ଯେ ପ୍ରଥମ ପର୍ଯ୍ୟାୟରେ ୪ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ ଜଣ ପ୍ଲାଜମା ଦାନ କରିଥିବା ବେଳେ ଆଗାମୀ ଦିନରେ କୋଭିଡ୍‌ରୁ ସୁସ୍ଥ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍କ୍ରିନିଂ କରାଯାଇ ଉକ୍ତ ବ୍ୟକ୍ତିଙ୍କ ଠାରୁ ପ୍ଲାଜମା ସଂଗ୍ରହ କରିବା ପାଇଁ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କାର୍ଯ୍ୟକ୍ରମକଉ ତରାନ୍ନିତ କରାଯାଉଅଛି।

## ସର୍ବ ଭାରତୀୟ କାବ୍ୟ କଳାରେ ଅଂଶ ଗ୍ରହଣ ପାଇଁ ଉଦଳାର ପ୍ରମିଳା ପଣ୍ଡା ମନୋନିତ



ଉଦଳା,୧୨ା୯ (ନି.ପ୍ର): ସମଗ୍ର ପୃଥିବୀରେ ଭାରତ ଏକ ମାତ୍ର ଦେଶ ଯେଉଁଠି ବିଭିନ୍ନ ଭାଷାକୁ ମିଳିଛି ସାମ୍ବିଧାନିକ ସ୍ୱିକୃତି । ସେଥିପାଇଁ ଆନ୍ତର୍ଜାତିକ ସ୍ତରରେ ଭାରତର ସୁନାମ ସବୁଠି ଶୁଣିବାକୁ ମିଳେ । ଏହାକୁ ଅଧିକ ଶାଣିତ କରିବା ପାଇଁ ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ତରଫରୁ ଆରମ୍ଭ ହୋଇଛି କବିତା ପାଠର ସାରସ୍ୱତ ମଞ୍ଚ । କରୋନା ପାଇଁ ଉକ୍ତ ମଞ୍ଚର ସମସ୍ତ କାର୍ଯ୍ୟକ୍ରମ ଜୁମ୍ ଆପ ଏବଂ ୟୁଟିୟୁବ ଦ୍ୱାରା ଚଳିତ ସେପ୍ଟେମ୍ବର ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ତେବେ ଉକ୍ତ ମଞ୍ଚରେ କବିତା ପଢ଼ିବା ପାଇଁ ଗତ ୮ ତାରିଖ ଦିନ ଏକ ମନୋନୟନ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରୁ ମୋଟ ୫ ଜଣ କବି ଓ କବୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ସେଥି ମଧରୁ ଏକ ମାତ୍ର ବ୍ୟକ୍ତି ପ୍ରମିଳା ପଣ୍ଡା ସର୍ବଭାରତୀୟ କାବ୍ୟକଳା ମଞ୍ଚକୁ ମନୋନିତ ହୋଇଛନ୍ତି । ପ୍ରକାଶ ଥାଉକି ଏକ ସଙ୍ଗେ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଓ ଓଡ଼ିଶାର ମନୋନୟନ ପର୍ବ ଅନୁଷ୍ଠିତ ହୋଇଥିଲା ।

## ଜବରଦଖଲକୁ ନେଇ ଅସନ୍ତୋଷ : ତହସିଲଦାରଙ୍କୁ ଦାବିପତ୍ର

ଜଳେଶ୍ୱର,୧୨ା୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ଅନ୍ତର୍ଗତ ନାମ୍ପା ଗ୍ରାମର ବିଭିନ୍ନ ସ୍ଥାନରେ ଜବର ଦଖଲ ଥିବାରୁ ସେଥିନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦେଖା ଦେଇ ଆସୁ ଛି । ନାମ୍ପୋ ବଜାରଠାରେ ଜବରଦଖଲର ସମାଧାନ ହୋଇନଥିବା ବେଳେ ସାଇ ଶକ୍ତି ଜିପିଏଲ ମହିଳା ମହାସଂଘର କାର୍ଯ୍ୟାଳୟ ସମ୍ମୁଖକୁ କେତେକ ଅସାଧୁ ବ୍ୟକ୍ତି ଜବରଦଖଲ କରିବାର ଅଭିଯୋଗ ହୋଇଛି । ମହାସଂଘର ଗୃହ ସମ୍ମୁଖରେ ଏକ ବେଆଇନ୍ ଅବରୋଧ ଯୋଗୁଁ ଏହାର ଉଚ୍ଛେଦ ଦାବିରେ ଜଳେଶ୍ୱର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ମହାସଂଘର ସଭାପତି ସଂଜୁରାଣୀ ଭୂୟାଁ, ସଂପାଦିକା ସ୍ନୋହାଞ୍ଜଳି ଭୂୟାଁଙ୍କ ନେତୃତ୍ୱରେ ବହୁ ମହିଳା ଏପରି ଦାବିରେ ତହସିଲଦାରଙ୍କ ଦାବିପତ୍ର ଦେଇଥିବା ବେଳେ ଏକ ସ୍ୱେଚ୍ଛାସେବୀ ମହିଳା ସଂଗଠନକୁ କାର୍ଯ୍ୟକରିବାରେ ସହାୟତା କରିବାରେ ମହାସଂଘ ପକ୍ଷରୁ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ନିବେଦନ କରାଯାଇଛି ।

## ରେଡ଼କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ

ଭୁବନେଶ୍ୱର,୧୨ା୯ (ନି.ପ୍ର): ପ୍ରାଥମିକ ଉପଚାର ସଂପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା ତରଫରୁ ଏକ ଆଲୋଚନା ଚକ୍ର ଅନ୍ ଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଛି । ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳନ ଅବସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଅବୈତନିକ ସଚିବ ସୁଶ୍ରୀ ସିଟିଏମ୍. ସୁଗୁଣା ଅଧ୍ୟକ୍ଷତା କରିଥିଲେ । ନିଜସ୍ୱ ସ୍ୱାଗତ ଭାଷଣରେ ରେଡକ୍ରସ ତରଫରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❑ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❑ Managing & Executive Editor : Srustidhar Parida
❑ Editor: Sairindhree Sahoo